

‘ଖେଲୋ ଇଣ୍ଡିଆ’ରେ ଗୌତମଙ୍କୁ କାଂସ୍ୟ

▸ପୃଷ୍ଠା ୮ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-269 ◆BHUBANESWAR ◆FRIDAY ◆28 MARCH 2025 ◆PAGE-8+6 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୬୯ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୮ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୮+୬ ◆ଟ.୬.୦୦



Be Single-Minded, Be YUVODAYAN.

Future cannot be predicted, but it can be invented. All you need is staunch nurturance which can turn your dreams into reality. YUVODAYA knows it all – how to bridge the dreams with skills. YOUR DECISION TODAY BUILDS YOUR LIFE TOMORROW.

1 STATE NEET & AIIMS TOPPER - 2019 ASHUTOSH AIIMS BHUBANESWAR
1 STATE PCM TOPPER (CHSE) - 2018 LAULESH IIT GUWAHATI PCM: 297/300
1 WESTERN ODISHA TOPPER - 2021 STATE NEET RANK 5 SOUMESH AIIMS BHUBANESWAR 690 FRESHER
1 WESTERN ODISHA TOPPER - 2021 STATE CHSE RANK 3 JYOTI IIT MADRAS (JEE-ADV.)
1 WESTERN ODISHA NEET TOPPER - 2023 FRESHER SATYAM AIIMS BHUBANESWAR 680
1 WESTERN ODISHA NEET TOPPER - 2024 FRESHER ARYAN AIIMS DEOGHAR 692

CBSE XI - XII (Science) with IIT & Medical Coaching

BHUBANESWAR : NEW AIRPORT SQUARE, UNIT 6, EKAMRA MARG 9937438936 / 9040064200
BERHAMPUR : NEAR INCOME TAX OFFICE, AMBAPUA 9777765444 / 8658265444
BALANGIR : HATISAL PADA, NEAR TREASURY OFFICE 9777884488 / 9938086842

TOP RANKERS OF YUVODAYA IN CBSE 12TH BOARD EXAMINATION - 2024

90% ABOVE - 17 | 80% ABOVE - 107 | 70% ABOVE - 243 | AVG. SCORE: 76.39%

ADMISSIONS OPEN

YUVEDGE advanced batches — Start Early, Stay Ahead

Session: 2025-2026 DIRECT ADMISSIONS without waiting for 10th Results

For 10th Board appeared students (CBSE, ICSE, BSE)

BATCH START DATE: CBSE - 2ND APRIL / CHSE - 31ST MARCH

JEE(M) Phase - I (2025)

| Percentile | > 99 | > 98 | > 97 | > 96 | > 95 | > 94 | > 93 | > 92 | > 91 | > 90 |
|---|---|---|---|---|---|---|---|---|---|---|
| OVERALL | 3 | 11 | 24 | 35 | 51 | 61 | 73 | 80 | 90 | 97 |
| PHYSICS | 19 | 30 | 38 | 46 | 58 | 71 | 78 | 83 | 87 | 95 |
| CHEM | 13 | 22 | 40 | 54 | 64 | 73 | 76 | 82 | 87 | 90 |
| MATH | 2 | 7 | 12 | 15 | 16 | 16 | 16 | 18 | 18 | 20 |
| TOTAL | 34 | 59 | 90 | 115 | 138 | 160 | 170 | 183 | 192 | 205 |

+2 SCIENCE with IIT & Medical Coaching CHSE

Admission Office: HATISAL PADA, BALANGIR 9777884488 / 9938086842

+2 SCIENCE STATE TOPPERS IN CHSE BOARD EXAMINATION - 2024

560 PRAJNA PARIMITA PADHAN | 560 RACHIT KUMAR PADHAN | 557 PRAGNYA PANDA | 557 AYUSH MEHER | 557 SWAPNIL KUMAR SAHU

550 | 544 | 542 | 540 | 540 | 540 | 540 | 540

TOP IITians

NIKHIL IIT, BOMBAY | SHREYA IIT, BOMBAY | SUBHAM IIT, BOMBAY | ANIMESH IIT, DELHI | AYUSH IIT, KHARAGPUR
SMRUTI IIT, KHARAGPUR | JYOTIRAJ IIT, MADRAS | SPANDAN IIT, MADRAS | DEBASMIT IIT, MADRAS | PRABHASH IIT, HYDERABAD
ASHUTOSH IIT, DHANBAD | RACHIT IIT, DHANBAD | YOJANA IIT, DHANBAD | JAGANNATH IIT, DHANBAD | AKASH IIT, DHANBAD
PRAVEEN IIT, BHU | OM SAI IIT, BHU | LAULESH IIT, GUWAHATI | SOUMYA IIT, GUWAHATI | NIBESH IIT, BBSR

IIT & NIT DREAMS SECURED : 200+ students scored more than 90 %tile

99.19 SWAYAM SUNDAR MEHER | 99.18 AYUSH PATEL | 99.03 SUBHANKAR NANDA

98.91 SIMPAL PATTNAIK | 98.61 NISHANT K. SAHU | 98.34 SIDDHARTH S DHAR | 98.24 SARTHAK PATTNAIK
98.24 OM PRAKASH SAHA | 98.24 AYUSHMAN SAHU | 98.15 DHIRAJ PADHAN | 98.14 PRIYARANJAN SUNANI | 98.08 SOMYA SAHIL SETH | 97.90 SUBHAM K SAHU | 97.91 PRATYUSH DASH
97.74 MIRAJ KUMAR BHOI | 97.67 SUBHASISH SAHU | 97.61 TILAK HOTA | 97.61 ANUKOOL OM J. JOSHI | 97.60 PRAJNA PARIMITA PADHAN | 97.53 KRISHNA SAGAR MISHRA | 97.40 CHINMAYA SAHU

TOP AIIMSonians

SATYAM AIIMS, BBSR | SOUMESH AIIMS, BBSR | ASHUTOSH AIIMS, BBSR | SANCHITA AIIMS, BBSR | SAMBIT AIIMS, BBSR
ARABINDA AIIMS, BBSR | ANKIT AIIMS, RAIPUR | CHINMAYA AIIMS, RAIPUR | CHANDRAHAS AIIMS, RAIPUR | BRAHMAGYAN AIIMS, RAIPUR
NILESH AIIMS, RAIPUR | SAHIL AIIMS, RAIPUR | ABHYUDAYA AIIMS, NAGPUR | OSHARANI AIIMS, NAGPUR | CHULARANJAN AIIMS, PATNA
RAGHUNATH AIIMS, KALYANI | ANKITA AIIMS, KALYANI | DIPTIPRASAD AIIMS, KALYANI | DEEPENDU AIIMS, KALYANI | ARYAN AIIMS, DEOGHAR | SOM PRAKASH AIIMS, DEOGHAR

Reach your full potential to crack IIT-JEE (Advanced) & AIIMS.

YUVODAYA NON-NEGOTIABLE ACADEMICS

NEET - 2024: SUCCESS RATE SUPREMACY IN ODISHA RETAINED

CENTRE OF EXCELLENCE — MEDICAL IIT-JEE YUVODAYA — EXCLUSIVE CENTRE FOR ONE-YEAR PREPARATION

Admissions open for One Year Course for 12th appeared students (HOSTEL SEATS ARE BEING FILLED UP FAST)

NEET - 2025 Crash Course available only in Bhubaneswar

JEE / NEET

BHUBANESWAR CENTRE - Jayadev Vihar, Biju Pattnaik College Road 7381064208 / 7077983222 / 7381013202 www.yuvodaya.in yuvodaya_odisha
BALANGIR CENTRE - Shantipada, Opp. Shiv Temple, Balangir, Admission Office: Hatisal Pada, Balangir 9777884488 / 9938086842 / 9437367867

2025: JEE Phase-I boomed. Watch out for the BLAST in JEE Adv., NEET & Board Results.

# ରାଜଧାନୀର ଗାନ୍ଧୀ ମାର୍ଗ: ନାରୀ ସୁରକ୍ଷା ପାଇଁ କଂଗ୍ରେସର ନ୍ୟାୟ ଲଢ଼େଇ








# ବିଧାନସଭାରେ ଗଙ୍ଗାଜଳ ଛିଞ୍ଚିଲା ବିଜେଡି

ଭୁବନେଶ୍ୱର,୨୭।୩(ସମିସ): ବଜେଟ ଅଧିବେଶନ ଦ୍ୱିତୀୟପର୍ଯ୍ୟାୟରେପ୍ରଥମଥରପାଇଁଆଜିଗୃହକୁଶାନ୍ତି ଫେରିଛି। ତେବେ ଗୁରୁବାର ପ୍ରଶ୍ନକାଳ ଆରମ୍ଭ ପୂର୍ବରୁ ବିଧାନସଭାରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ଗଣତନ୍ତ୍ର ମନ୍ଦିରରେ ପୁଲିସ ପ୍ରବେଶ କରାଇ ବିଜେପି ସରକାର ଗୃହକୁ ଅପବିତ୍ର କରିଥିବା ଅଭିଯୋଗ କରି ବିଜେଡି ବିଧାନସଭା ଭିତରେ ଓ ବାହାରେ ଗଙ୍ଗାଜଳ ସିଞ୍ଚନ କରି ଗୃହକୁ ପବିତ୍ର କରିଛି।

ଆଜି ପ୍ରଶ୍ନକାଳ ଆରମ୍ଭ ପୂର୍ବରୁ ବିଜେଡି ବିଧାୟକଙ୍କ ହାତରେ କଳସ, ଗଙ୍ଗାଜଳ ଏବଂ ଆମ୍ବଡାଳ ଦେଖିବାକୁ ମିଳିଥିଲା। ବିଧାନସଭା ଚାରିପାଖରେ ବିଜେଡି ବିଧାୟକମାନେ ପରିକ୍ରମା କରି ଗଙ୍ଗାଜଳ ସିଞ୍ଚନ କରିଥିଲେ। ବିଜେଡି ବିଧାୟକ ଡ. ଅରୁଣ ସାହୁ, ଧ୍ରୁବଚରଣ ସାହୁ, ରେମାଞ୍ଚ ରଞ୍ଜନ ବିଶ୍ୱାଳ, ଶାରଦା ଜେନା, ବେଗୁନିଆ ବିଧାୟକ ପ୍ରଦୀପ ସାହୁ ପ୍ରମୁଖ ଗଙ୍ଗାଜଳ ସିଞ୍ଚନ କରୁଥିବା ବେଳେ ଅନ୍ୟ ବିଧାୟକମାନେ ସେମାନଙ୍କ ସହ ଉପସ୍ଥିତ ଥିଲେ। ବିଧାନସଭା ବାହାରେ




ଗଙ୍ଗାଜଳ ସିଞ୍ଚନ ପରେ ଗୃହ ମଧ୍ୟରେ ମଧ୍ୟ ବିଜେଡି ବିଧାୟକମାନେ ଗଙ୍ଗାଜଳ ସିଞ୍ଚନ କରିଥିଲେ।

ବିଜେଡି ବିଧାୟକ ଡ. ଅରୁଣ ସାହୁ କହିଛନ୍ତି ଯେ ଗଣତାନ୍ତ୍ରିକ ଇତିହାସରେ ଓଡ଼ିଶାରେ ଏଭଳି କାର୍ଯ୍ୟ କେବେ ହୋଇନଥିଲା। ବିରୋଧୀ ସଦସ୍ୟ ମାନଙ୍କୁ ବଳପୂର୍ବକ ଉଠାଇ ନିଆଯାଇ ପବିତ୍ର ଗୃହକୁ ଅପବିତ୍ର କରାଯାଇଛି। ମଙ୍ଗଳବାର କଂଗ୍ରେସ ସଦସ୍ୟଙ୍କୁ ପୁଲିସ ଆକ୍ରମଣ କରିଥିବା ବେଳେ ଗତକାଲି ବିଜେଡି ବିଧାୟକଙ୍କୁ ଆକ୍ରମଣ ହୋଇଛି। ଗଣତନ୍ତ୍ରର ଏହି ମନ୍ଦିରକୁ ବିଜେପି ସରକାର ଅପବିତ୍ର କରିଛନ୍ତି। ଏହାର ପବିତ୍ରତା ଫେରାଇ ଆଣିବାକୁ ଆମେ ଗଙ୍ଗାଜଳ ସିଞ୍ଚନ କରୁଛୁ ବୋଲି ଡ. ସାହୁ କହିଥିଲେ। ବିଜେଡିର ଅନ୍ୟତମ ବିଧାୟକ ଡ. ବ୍ୟୋମକେଶ ରାୟ କହିଥିଲେ ଯେ ବିଧାନସଭାକୁ ଲୋକମାନେ ବିଧାୟକଙ୍କୁ ନିର୍ବାଚିତ କରି ପଠାଇଛନ୍ତି। ମାତ୍ର ବାଚସ୍ପତି ଓ ସରକାର ଯେପରି ଏକପାଖିଆ ନିଷ୍ପତ୍ତି ନେଉଛନ୍ତି, ତାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟକୁ ଯାଉଥିବା ବେଳେ ଆମକୁ ପୁଲିସ ଲଗାଇ ଅଟକା ଗଲା। ଫେରିଲା ବେଳେ ସେମାନେ ମଧ୍ୟ ଆମ ସହ ଖରାପ ବ୍ୟବହାର କଲେ। କଂଗ୍ରେସ ବିଧାୟକଙ୍କୁ ପୁଲିସ ଲଗାଇ ଉଠାଇ ନିଆଗଲା। ଏହାର ପ୍ରତିବାଦରେ ଏବଂ ଗୃହର ପବିତ୍ରତା ଫେରାଇ ଆଣିବାକୁ ଆମେ ଗଙ୍ଗା ଜଳ ସିଞ୍ଚନ କରୁଛୁ ବୋଲି ଡ. ରାୟ କହିଥିଲେ।

# ହୋମ୍‌ଗାର୍ଡ ଶାରୀରିକ ପରୀକ୍ଷା ବେଳେ ଟଳିପଡ଼ିଲେ ଆଶାୟୀ

ଦେବଗଡ଼,୨୭।୩(ସମିସ): ହୋମ୍‌ଗାର୍ଡ ପଦ ପାଇଁ ଶାରୀରିକ ପରୀକ୍ଷା ବେଳେ ଜଣେ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ରିଆମାଳ ଥାନା ଅନ୍ତର୍ଗତ ବୁଡ଼ିଦୋ ଗ୍ରାମର ପ୍ରଦୀପ ଦେହୁରୀଙ୍କ ପୁଅ ସାହେବ ଦେହୁରୀ (୨୧)। ଗତକାଲି ଦେବଗଡ଼ ରିଜର୍ଭ ପୁଲିସ୍ ପଡ଼ିଆରେ ଅନୁଷ୍ଠିତ ଶାରୀରିକ ପରୀକ୍ଷାରେ ସାହେବ ଭାଗ ନେଇଥିଲେ। ଦୌଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର କିଛି ସମୟ ପରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋର୍‌ରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତେବେ ଚିକିତ୍ସାରେ ଅବହେଳା ଯୋଗୁଁ ସାହେବଙ୍କର ମୃତ୍ୟୁ ହୋଇଥିବା ତାଙ୍କ ପରିବାରଲୋକ ଅଭିଯୋଗ କରି ହସ୍ପିଟାଲ ପରିସରରେ ହୋହଲ୍ଲା, ପାଟିତୁଣ୍ଡ କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଚିକିତ୍ସା କରୁଥିବା ଡାକ୍ତରଙ୍କୁ ନିଲମ୍ବନ ଦାବିରେ ପରିବାରଲୋକ ହସ୍ପିଟାଲ ପରିସରରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



■ ଚିକିତ୍ସାରେ ଅବହେଳା ଅଭିଯୋଗ
■ ଶବ ରଖି ପରିବାର ଲୋକଙ୍କ ଧାରଣା

ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ସିଡିଏମଓ ବିଶ୍ୱମୋହନ ମିଶ୍ର ଓ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରୁ ସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ମଧ୍ୟାହ୍ନରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଅପରପକ୍ଷେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାହେବଙ୍କ ପରିବାରଲୋକଙ୍କୁ ୪ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

### ଗୁରୁବାର ୮ ସ୍ଥାନରେ ତାପମାତ୍ରା ଟପିଲା ୪୦ ଡିଗ୍ରୀ

# ଆଜିଠୁ ୩ ଦିନ ତାତିରେ ଜଳିବ ଓଡ଼ିଶା


ଭୁବନେଶ୍ୱର,୨୭।୩(ସମିସ): କିଛି ଦିନର ବ୍ୟବଧାନ ପରେ ରାଜ୍ୟରେ ଗୁରବାର ତାପମାତ୍ରା ୪୦ ଡିଗ୍ରି ଟପିଛି। ଆଜି ଝାରସୁଗୁଡାରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୧.୪ ଡିଗ୍ରି ସେଲସିୟସ୍ ରେକର୍ଡ ହୋଇଛି। ଝାରସୁଗୁଡ଼ା ସମେତ ରାଜ୍ୟର ୮ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ତେବେ ୨୮ରୁ ୩୦ ତାରିଖ ଯାଏଁ ଆସନ୍ତା ୩ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଗରମ ଅନୁଭୂତ ହେବ। ଏଥିପାଇଁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ହିଟ ୱେଭ ସତର୍କ ସୂଚନା ଜାରି କରାଯାଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

କେନ୍ଦ୍ରର ସୂଚନା ଅନୁଯାୟୀ ଗୁରବାର ସମ୍ବଲପୁରରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ହୀରାକୁଦରେ ୪୦.୧, ବଲାଙ୍ଗୀରରେ ୪୦.୮, ଟିଟିଲାଗଡରେ ୪୦ ଡିଗ୍ରୀ, ସୋନପୁରରେ ୪୦.୨, ବୌଦ୍ଧରେ ୪୦.୫, ପାରଳାଖେମୁଣ୍ଡିରେ ୪୦ ଜିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ମାର୍ଚ୍ଚ ୨୮ ତାରିଖ ପାଇଁ ସମ୍ବଲପୁର ଏବଂ ବୌଦ୍ଧ ଜିଲ୍ଲାରେ ହିଟ ୱେଭ ସ୍ଥିତି ଅନୁଭୂତ ହୋଇପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲା ଦ୍ୱୟକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୯ ତାରିଖରେ ଝାରସୁଗୁଡା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ହିଟ ୱେଭ ସମ୍ଭାବନା ରହିଥିବା ବେଳେ ଉପରୋକ୍ତ ଜିଲ୍ଲାକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୩୦ ତାରିଖରେ ତାପମାତ୍ରାର ପ୍ରକୋପ ଆହୁରି ବଢ଼ିବ। ରବିବାର ଝାରସୁଗୁଡ. ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ବରଗଡ ଓ ସୁନ୍ଦରଗଡରେ ହିଟ ୱେଭ ପରିସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର। ଉପରୋକ୍ତ ଜିଲ୍ଲାଗୁଡ଼ିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ଏହାପରଠାରୁ ତାପମାତ୍ରା କମିବାକୁ ଥିବାବେଳେ ଏପ୍ରିଲ ୨ ତାରିଖ ବେଳକୁ ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

**ବିଭିନ୍ନ ଜିଲ୍ଲାକୁ ହିଟୱେଭ ସତର୍କ ସୂଚନା**

# ୫୦ହଜାର ଟଙ୍କା ଲାଞ୍ଚ ନେଲାବେଳେ ଧରାପଡ଼ିଲେ ଅଙ୍ଗନବାଡ଼ି ସୁପରଭାଇଜର

ଲକ୍ଷ୍ମୀପୁର, ୨୭।୩ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର କୁଟିଙ୍ଗା ସେକ୍ଟରର ଅଙ୍ଗନବାଡି ସୁପରଭାଇଜର୍ ରେଣୁକା ପଟ୍ଟନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁର୍ଜା ଗ୍ରାମ ଅଙ୍ଗନବାଡି-୫ କେନ୍ଦ୍ରରେ ନବନିଯୁକ୍ତ ଜଣେ ଅଙ୍ଗନବାଡ଼ି କର୍ମୀଙ୍କଠାରୁ ସେ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ତାଙ୍କୁ ଧରିଛି। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସର ୫ଜଣିଆ ଏକ ଟିମ୍ ତାଙ୍କ ଲକ୍ଷ୍ମୀପୁରସ୍ଥିତ ଆଇସିଡିଏସ କାର୍ଯ୍ୟାଳୟ, ଭଡ଼ାଘର ଓ ବନ୍ଧୁଗାଁ ବ୍ଲକ୍‌ର ତୁରୁକୁପେଟା ଗ୍ରାମରେ ଥିବା ତାଙ୍କ ଘର ଉପରେ ଚଢ଼ଉ କରିଛି। ସୂଚନାନୁସାରେ, ପିପଲପଦର ଅଙ୍ଗନବାଡ଼ି କେନ୍ଦ୍ରରେ ନିଯୁକ୍ତି ପାଇଁ ଜଣେ ମହିଳାଙ୍କ ସହ ୫୦ ହଜାର ଟଙ୍କାର ଲାଞ୍ଚ ଦେବାକୁ ଡିଲ ହୋଇଥିଲା। ଉକ୍ତ ମହିଳାଜଣଙ୍କ ଅଙ୍ଗନବାଡି କର୍ମୀ ଭାବେ ପିପଲପଦର କେନ୍ଦ୍ରରେ ନିଯୁକ୍ତି ପାଇବା ପରେ ଡିଲ ହୋଇଥିବା ଲାଞ୍ଚ ଟଙ୍କା ପ୍ରଦାନ ପାଇଁ ଅଙ୍ଗନବାଡ଼ି ସୁପରଭାଇଜର ରେଣୁକା ବାରମ୍ବାର ଚାପ ପ୍ରୟୋଗ କରୁଥିଲେ। ଏନେଇ ସଂପୃକ୍ତ ଅଙ୍ଗନବାଡ଼ି କର୍ମୀଜଣକ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।



# ୨୭ ଜିଲ୍ଲାରେ କମୁଛି ଭୂତଳ ଜଳସ୍ତର

ଭୁବନେଶ୍ୱର, ୨୭।୩ (ସମିସ): ରାଜ୍ୟର ୨୩ ଜିଲ୍ଲାରେ ଭୂତଳ ଜଳ ସ୍ତର ହ୍ରାସ ପାଇ ଚାଲିଛି। ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ମାଲକାନଗିରି, ନୂଆପଡ଼ା ଏବଂ ସମ୍ବଲପୁରକୁ ବାଦ୍ ଦେଲେ ଅନ୍ୟ ସବୁ ଜିଲ୍ଲାରେ ଭୂତଳ ଜଳ ସ୍ତର ହ୍ରାସ ପାଉଛି। କେଉଁଠି ୨ ମିଟର ହ୍ରାସ ପାଇଛି ତ ଆଉ କେଉଁଠି ୭ ମିଟର୍ ହ୍ରାସ ପାଇଲାଣି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭୂତଳ ଜଳସ୍ତର ବୃଦ୍ଧି ପାଇଁ ୨୦୨୨-୨୩ରୁ ୨୦୨୬-୨୭ ପର୍ଯ୍ୟନ୍ତ ଛାତ ଏବଂ ଅରୁଆ ଯୋଜନା କାର୍ଯ୍ୟକାରୀ ହୋଇଛି। 'ଛାତ' ଯୋଜନା ମାଧ୍ୟମରେ ରାଜ୍ୟର ୨୭ଟି ସହରାଞ୍ଚଳ ଏବଂ ୫୨ଟି ବ୍ଲକ୍‌ରେ ୨୯୫୦୦ ଟି ବେସରକାରୀ କୋଠା, ୧୯୨୫ଟି ସରକାରୀ କୋଠାରେ ରିଚାର୍ଜ ସାଫ୍ଟ ମାଧ୍ୟମରେ ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ବିଭିନ୍ନ ନଦୀମାନଙ୍କରେ ଆନ୍ତଃ ନଦୀ ଜଳାଶୟ ପ୍ରକଳ୍ପ (ଆଇଏସ୍‌ଏସ୍) ଓ ବିଭିନ୍ନ ପ୍ରାକୃତିକ ନାଳ ଗୁଡିକରେ ଆଡ଼ିବନ୍ଧ ତିଆରି କରି ଜଳସ୍ତର ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ଯୋଜନା ହାତକୁ ନିଆଯାଇଛି। ସେହିପରି ରାଜ୍ୟରେ ଶିଳ୍ପ, ଖଣି ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ଜଳ ଆବଣ୍ଟନ କମିଟିର ସୁପାରିଶ ଅନୁସାରେ ଏବଂ ଜିଲ୍ଲାସ୍ତରୀୟ ମୂଲ୍ୟାୟନ କମିଟିର ଅନୁମୋଦନକ୍ରମେ ଜଳସମ୍ପଦ ବିଭାଗ ଜଳ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଖରା ପାଇଁ ସକାଳ ଓ ସଂଧ୍ୟାରେ ରାସନ ବଣ୍ଟନ

ଭୁବନେଶ୍ୱର, ୨୭।୩(ସମିସ): ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ହିତାଧିକାରୀମାନଙ୍କ ସକାଳ ୭ଟାରୁ ଦିନ ୧୦ଟା ଓ ସନ୍ଧ୍ୟା ୫ଟାରୁ ରାତି ୮ଟା ଭିତରେ ବଣ୍ଟନ କରାଯିବାକୁ ଯୋଗାଣ ବିଭାଗ ନିଷ୍ପତ୍ତି ନେଇଛି। ଏ ସଂକ୍ରାନ୍ତରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳମାନଙ୍କୁ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଏଥିସହ ଖରା ଦାଉରୁ ରକ୍ଷା ପାଇବା ପାଇଁ ହିତାଧିକାରୀମାନଙ୍କ ପାଇଁ ସରକାରୀ ସୁଲଭ ମୂଲ୍ୟ ଦୋକାନ ଗୁଡ଼ିକରେ ଅସ୍ଥାୟୀ ଆଶ୍ରୟସ୍ଥଳୀ, ପାନୀୟଜଳ, ଓଆରଏସ ମହଜୁଦ ଭଳି ବ୍ୟାପକ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦିଆଯାଇଛି।

# ୮ ନୂଆ ସହରରେ ଗଡ଼ିବ 'ଆମ ବସ୍'

ଭୁବନେଶ୍ୱର,୨୭।୩(ସମିସ): କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍)ର ୪୯ତମ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ଏବଂ କ୍ରୁଟ୍ ଚେୟାରମ୍ୟାନ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟରେ ସହରାଞ୍ଚଳ ପରିବହନକୁ ଅଧିକ ବୃଦ୍ଧି କରିବାକୁ ପ୍ରମୁଖ ରଣନୀତି ଉପରେ ଆଲୋଚନା ହୋଇଛି। ଏଥିରେ ଯାତ୍ରୀମାନଙ୍କ ଉତ୍ତମ ସୁରକ୍ଷା ଏବଂ ଗୁଣବତ୍ତା ସେବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ କ୍ରୁଟ୍‌ର କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋଚନା ଏବଂ ସମୀକ୍ଷା କରାଯାଇଛି। ସେହିପରି ଅନୁଗୁଳ, ଝାରସୁଗୁଡା, ଯାଜପୁର, କେନ୍ଦୁଝର, ବାରିପଦା, ଜୟପୁର, ବାଲେଶ୍ୱର ଏବଂ ରାୟଗଡ଼ା ଭଳି ୮ଟି ସହରରେ ଆମ ବସ୍ ଚଳାଚଳ କରିବାକୁ ବୈଠକରେ ଯୋଜନା କରାଯାଇଛି।

ଏହାସହ ଦୁର୍ଘଟଣା ନିବାରଣ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଅତ୍ୟଧିକ ଗତି ଜନିତ ବିପଦକୁ ହ୍ରାସ କରିବା ପାଇଁ ବସ୍‌ଗୁଡ଼ିକର ଗତି ସୀମା ପ୍ରଚଳନ କରାଯାଇଛି। ଯାତ୍ରୀମାନଙ୍କ ସୁରକ୍ଷାକୁ ଉନ୍ନତ କରିବା ପାଇଁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପ୍ରତି ମାସରେ ଦୁର୍ଘଟଣାର ତଦନ୍ତ ଏବଂ ଏହି ସମୀକ୍ଷା ବୈଠକ ସହିତ ବିଶ୍ଳେଷଣ କରିବେ। ଯାତ୍ରୀଙ୍କ ସହାୟତାକୁ ଆହୁରି ବୃଦ୍ଧି କରିବା ପାଇଁ, ସକାଳ ୬ଟାରୁ ରାତି ୧୦ଟା ମଧ୍ୟରେ ସହାୟତା ପାଇଁ ଏକ ଟୋଲ୍-ଫ୍ରି ନମ୍ବର (୧୮୦୦୫୭୦୦୨୧୮) ଜାରି କରାଯାଇଛି।

# ୧୪୭ଟି ପଡ଼ାକୁ ମିଳିବ ରାଜସ୍ୱ ଗ୍ରାମ ମାନ୍ୟତା

ଭୁବନେଶ୍ୱର,୨୭।୩(ସମିସ): ରାଜ୍ୟରେ ୨୬୩ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ମାନ୍ୟତା ମିଳିସାରିଥିବା ବେଳେ ୧୪୭ଟି ମାମଲା ବିଚାରାଧୀନ ରହିଛି। ତାହା ଆସନ୍ତା ଏପ୍ରିଲ ମାସ ମଧ୍ୟରେଏହି ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିବ ବୋଲି ଗୃହରେ ସୂଚନା ଦେଇଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ।

ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାବେଳେ ଜନସଂଖ୍ୟାକୁ ମାନଦଣ୍ଡ ରୂପେ ଗ୍ରହଣ କରାଯାଉଥିଲା। ତେବେ ୨୦୨୧ରେ ବିଭିନ୍ନ କାରଣରୁ ଜନଗଣନା ହୋଇନାହିଁ। ତେଣୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇବାକୁ ହେଲେ ଦୁଇଟି ମାନଦଣ୍ଡକୁ ଗୁରୁତର ଭାବେ ଗ୍ରହଣ କରାଯିବ। ପ୍ରଥମଟି ଉକ୍ତ ପଡ଼ାଗ୍ରାମର ଜନସଂଖ୍ୟା ସର୍ବନିମ୍ନ ୫୦୦ ହୋଇଥିବା ଆବଶ୍ୟକ। ଦ୍ୱିତୀୟରେ ଉକ୍ତ ପଡ଼ାଗ୍ରାମଟି ମୂଳ ଗାଁଠାରୁ ଅତିକମରେ ୫୦୦ ମିଟର ଦୂରରେ ଥିବା ଆବଶ୍ୟକ। ଏହି ଦୁଇଟି ମାନଦଣ୍ଡ ପୂରଣ କରୁଥିଲେ ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିବ ବୋଲି ମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ୧୯୯୧ରୁ ୨୦୨୪ ମଧ୍ୟରେ ଓଡ଼ିଶାର ମାତ୍ର ୧୦୫୩ ପଡାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ବୋର୍ଡ ଅଫ୍ ରେଭିନ୍ୟୁ ନିକଟରେ ଆବେଦନ ହୋଇଥିଲା। ତନ୍ମଧ୍ୟରୁ ୩୦୭ଟି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିବା ବେଳେ ଆହୁରି ୭୦୦ରୁ ଅଧିକ ଆବେଦନ ସରକାରଙ୍କ ନିକଟରେ ବିଚାରାଧୀନ ଅଛି। ଗତ ଫେବ୍ରୁଆରୀ ୧୮ ତାରିଖରେ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ନେଇ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ଏକ ମାର୍ଗଦର୍ଶିକା ପ୍ରେରଣ କରିଛନ୍ତି। ମାର୍ଗଦର୍ଶିକା ଅନୁଯାୟୀ ମାର୍ଚ୍ଚ ୨୫ ତାରିଖ ସୁଦ୍ଧା ସମସ୍ତ ପଡ଼ାଗ୍ରାମର ସର୍ଭେ ପ୍ରକ୍ରିୟା ସମ୍ପନ୍ନ ହେବ। ଆସନ୍ତା ଏପ୍ରିଲ ୨୮ ତାରିଖ ସୁଦ୍ଧା ଏନେଇ ଶୁଣାଣି ପ୍ରକ୍ରିୟା ସାରିବାକୁ ଲକ୍ଷ୍ୟ ରଖାଯାଇଛି ଓ ମେ ମାସ ୨୦ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ଆବେଦନକୁ ଉପ ଜିଲ୍ଲାପାଳ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ। ସେହିପରି ମେ ୩୦ ସୁଦ୍ଧା ଜିଲ୍ଲାପାଳ ଏହାକୁ ବୋର୍ଡ ଅଫ୍ ରେଭିନ୍ୟୁକୁ ପ୍ରଦାନ କରିବାକୁ ଥିବାବେଳେ ଜୁଲାଇ ୧୦ ତାରିଖ ସୁଦ୍ଧା ବୋର୍ଡ ଅଫ୍ ରେଭିନ୍ୟୁ ରାଜସ୍ୱ ଗ୍ରାମକୁ ଅନୁମୋଦନ କରିବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଆଲୋଚନାରେ ବିଧାୟକ ଗଣେଶ୍ୱର ବେହେରା, ଧ୍ରୁବଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଜୟ ଦଳବେହେରା , ଦିବ୍ୟଶଙ୍କର ମିଶ୍ର ଓ ସୁବାସିନୀ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 42 ♦ISSUE-269 ♦BHUBANESWAR ♦FRIDAY ♦28 MARCH 2025 ♦PAGE-8+6 ♦₹ 6.00
♦ବର୍ଷ-୪୨ ♦ସଂଖ୍ୟା-୨୬୯ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୮ ମାର୍ଚ୍ଚ ୨୦୨୫ ♦ପୃଷ୍ଠା-୮+୬ ♦ଟ.୬.୦୦




## କଂଗ୍ରେସର ରଣହୁଙ୍କାର

# ଗାନ୍ଧୀ ମାର୍ଗରେ ଖଣ୍ଡଯୁଦ୍ଧ







- ପୁଲିସ ଆକ୍ରମଣରେ ୯ କଂଗ୍ରେସ କର୍ମୀ ଲହୁଲୁହାଣ
- ପାଲଟା ଚେୟାର ମାଡ଼ରେ ୧୨ ପୁଲିସ ଆହତ
- ପିଟିଲା ପୁଲିସ, ଛାଡ଼ିଲା ପାଣି, ଲୁହବୁହା ଗ୍ୟାସ୍
- ମାଡ଼ରୁ ବାଦ୍ ପଡ଼ିଲେ ନାହିଁ ଗଣମାଧ୍ୟମ ପ୍ରତିନିଧି
- ପୁଲିସ ଗାଡ଼ିରେ ନିଆଁ ଲଗାଇଲେ ଆନ୍ଦୋଳନକାରୀ

■ **ଭୁବନେଶ୍ୱର, ୨୭।୩ (ସମିସ):** ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଥିବା ହିଂସା ଓ ଅପରାଧ ପ୍ରତିବାଦରେ ରାଜଧାନୀରେ କଂଗ୍ରେସର ରଣହୁଙ୍କାର ଓ ପୁଲିସ ପାଲଟା ଆକ୍ରମଣ ଗାନ୍ଧୀମାର୍ଗକୁ କରିଛି ରକ୍ତରଞ୍ଜିତ। ପୁଲିସର ଲାଠିମାଡ଼, ପାଣି ମାଡ଼ରେ ଅନେକ କଂଗ୍ରେସ କର୍ମୀ ଆହତ ହୋଇଛନ୍ତି। ଲୁହବୁହା ଗ୍ୟାସ ମାଡ଼ରେ ଅନେକ ଅସୁସ୍ଥ ହୋଇଛନ୍ତି। ସେହିପରି ପୁଲିସର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ କଂଗ୍ରେସ କର୍ମୀମାନେ ଫିଙ୍ଗିଥିବା ଚେୟାର, ପାଣି ବୋତଲ, ଢେଲା ମାଡ଼ରେ ୧୦ରୁ ଉର୍ଦ୍ଧ୍ୱ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଏପରିକି କଂଗ୍ରେସ ଓ ପୁଲିସ ମଧ୍ୟରେ ଚାଲିଥିବା ସଂଘର୍ଷରୁ ସାମ୍ବାଦିକମାନେ ବି ବାଦ ପଡ଼ି ନାହାନ୍ତି। ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ୨ ଜଣ ସାମ୍ବାଦିକ ଲହୁଲୁହାଣ ହୋଇଛନ୍ତି। ଆଉ କିଛି ସାମ୍ବାଦିକ ଢେଲାମାଡ଼ରେ ଆଘାତ ପାଇଛନ୍ତି।


ଆଜି ସକାଳେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଦଳର ସମସ୍ତ ବିଧାୟକ, ସାଂସଦ, ବରିଷ୍ଠ ନେତା ଓ ହଜାର ହଜାର କର୍ମୀ ରାମମନ୍ଦିର ପାଖରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ପଦଯାତ୍ରାରେ ଆସି ଗାନ୍ଧୀମାର୍ଗରେ ପ୍ରତିବାଦ ସମାବେଶ କରିଥିଲେ। ଜଣଙ୍କ ପରେ ଜଣେ ନେତା ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ଦଳର ନେତାମାନେ ବିଜେପି ସରକାର ସମୟରେ ସୃଷ୍ଟି ହୋଇଥିବା ଆଇନଶୃଙ୍ଖଳା ପରିସ୍ଥିତିର ଅଧୋଗତିକୁ କଟୁ ସମାଲୋଚନା କରିଥିଲେ। ଓଡ଼ିଶା ଆଜି ଏକ ହିଂସା ରାଜ୍ୟରେ ପରିଣତ ହୋଇଛି। ମହିଳାମାନେ ଆଜି ଅସୁରକ୍ଷିତ, ଏଠାରେ ପ୍ରତିଦିନ ୧୦ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଥିବା ଅଭିଯୋଗ କରି ବିଧାନସଭାରେ ଗୃହ କମିଟି ଦାବି କରିବା ଯୋଗୁଁ ସମସ୍ତ କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ ପ୍ରସଙ୍ଗ ଉଲ୍ଲେଖ କରିଥିଲେ। ଏହା ବିରୋଧରେ କଂଗ୍ରେସ ଆଜିଠାରୁ ନ୍ୟାୟ ଲଢ଼େଇ ଆରମ୍ଭ କରିଛି ଓ ଏହାକୁ ବ୍ୟାପକ କରାଯିବ ବୋଲି ଦଳର ନେତାମାନେ କହିଥିଲେ।

ଏହାପରେ ବିଧାନସଭା ଘେରାଉ କରିବା ପାଇଁ ନେତା ଓ କର୍ମୀମାନେ ଆଗକୁ ବଢ଼ିବା ବେଳେ ପୁଲିସ ପକ୍ଷରୁ ସେମାନଙ୍କୁ ବାଧା ଦିଆଯାଇଥିଲା। ମାତ୍ର କଂଗ୍ରେସ କର୍ମୀମାନେ ପୁଲିସକୁ ଅତିକ୍ରମ କରି ଆଗକୁ ବଢ଼ିଥିଲେ ଓ କିଛି କର୍ମୀ ବ୍ୟାରିକେଡ଼ ଭାଙ୍ଗିବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲେ। ମାତ୍ର ଏହି ସମୟରେ ପୁଲିସ ଅକସ୍ମାତ କଂଗ୍ରେସ କର୍ମୀଙ୍କ ଉପରେ ଆରମ୍ଭ କରିଥିଲା ଲାଠିମାଡ଼। ଗୋଡ଼େଇ ଗୋଡ଼େଇ କଂଗ୍ରେସ କର୍ମୀମାନଙ୍କୁ ପୁଲିସ କର୍ମୀମାନେ ନିସ୍ତୁକ ପିଟିଥିଲେ। ଏଥିରେ କିଛି କର୍ମୀ ଆହତ ହେବା ଓ ସେମାନଙ୍କ ମୁଣ୍ଡରୁ ରକ୍ତ ଝରିଥିଲା। ପୁଲିସର ଲାଠିମାଡ଼ କଂଗ୍ରେସ କର୍ମୀଙ୍କୁ ଉତ୍ତେଜିତ କରିଥିଲା। ସେମାନେ ପୁଲିସ ଉପରେ ପାଣିବୋତଲ, ପ୍ଲାଷ୍ଟିକ ଚେୟାର ଓ ଢେଲାପଥର ମାଡ଼ କରିବା ଆରମ୍ଭ କରି ଦେଇଥିଲେ।

କଂଗ୍ରେସ କର୍ମୀମାନେ ଅଣାୟତ୍ତ ହେଉଥିବା ଦେଖି ସେମାନଙ୍କ ଉପରେ ପୁଲିସ ପାଣିମାଡ଼ କରିଥିଲା। ପ୍ରାୟ ୧୫ ମିନିଟ୍ ଧରି ପାଣିମାଡ଼ ଚାଲିଥିଲା ଓ ଟ୍ୟାଙ୍କରରୁ ପାଣି ଶେଷ ହୋଇଯିବା ପରେ ଗୋଟାକ ପରେ ଗୋଟାଏ ୬ଟି ଲୁହବୁହା ସେଲ୍ ପୁଲିସ ଛାଡ଼ିଥିଲା। ମାତ୍ର ଉତ୍ୟକ୍ତ କଂଗ୍ରେସ କର୍ମୀଙ୍କୁ ତାହା ରୋକିବାକୁ ସକ୍ଷମ ହୋଇ ନ ଥିଲା। ସେମାନେ ପୁଲିସ ବଳୟ ଭାଙ୍ଗି ▶ପୃଷ୍ଠା-୬








ସରକାରୀ ସବସିଡି ବିବରଣୀ

| ରୁଫ୍‌ଟପ୍ ସୋଲାର କ୍ଷମତା | କେନ୍ଦ୍ରୀୟ ସବସିଡି ସହାୟତା | ରାଜ୍ୟ ସବସିଡି ସହାୟତା (ଓଡ଼ିଶାର ବାସିନ୍ଦାଙ୍କ ପାଇଁ) | ସମୁଦାୟ ଆର୍ଥିକ ସହାୟତା |
|---|---|---|---|
| ୧ କିଲୋୱାଟ୍ | ₹୩୦,୦୦୦ | ₹୨୫,୦୦୦ | ₹୫୫,୦୦୦ |
| ୨ କିଲୋୱାଟ୍ | ₹୬୦,୦୦୦ | ₹୫୦,୦୦୦ | ₹୧,୧୦,୦୦୦ |
| ୩ କିଲୋୱାଟ୍ | ₹୭୮,୦୦୦ | ₹୬୦,୦୦୦ | ₹୧,୩୮,୦୦୦ |

*ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।

ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜଲି ଯୋଜନା ବିଷୟରେ ଅଧିକ ଜାଣିବା ପାଇଁ ଆମର ନିଶୁଳ୍କ ହେଲ୍ପଲାଇନ ନମ୍ବର ୧୯୧୨/୧୮୦୦୩୪୫୭୧୨୨ ରେ ଯୋଗାଯୋଗ କରନ୍ତୁ

pmsuryaghar.gov.in ରେ ଆବେଦନ କରନ୍ତୁ

# ସାଇନା ମଲ୍ଲିକଙ୍କୁ 'ଲିଟିଲ ମିସ୍ ଓଡ଼ିଶା' ମୁକୁଟ



**ବରଗଡ଼, ୨୭ । ୩(ସମିସ):** ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ସାଇନା ମଲ୍ଲିକ ଭୁବନଶ୍ୱରରରେ ଆୟୋଜିତ ଲିଟିଲ୍ ମିସ୍ ଓଡ଼ିଶା ୨୦୨୫ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରତିପାଦନ କରି ଲିଟିଲ୍ ମିସ୍ ଓଡ଼ିଶା କ୍ରାଉନ ବିଜେତା ହୋଇଛନ୍ତି । ପିଲାଟି ବେଳରୁ ମଡେଲିଂ ପ୍ରତି ରୁଚି ରଖି ଆସୁଥିବା ସାଇନା ଲିଟିଲ୍ ମିସ୍ ଓଡ଼ିଶା କ୍ରାଉନ ବିଜେତା ହୋଇ ବରଗଡ଼ ପାଇଁ ଗୌରବ ଆଣିଛନ୍ତି । ରାଜ୍ୟର ଏହି ସମ୍ମାନଜନକ ପ୍ରତିଯୋଗିତରେ ସେ ବିଜେତା ହୋଇଥିବାରୁ ତାଙ୍କୁ ବରଗଡ଼ର ବିଭିନ୍ନ ଅନୁଷ୍ଠାନ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି । ସେ ବରଗଡ଼ର ନରେଶ ମଲ୍ଲିକ ଓ ଝରଣା ମଲ୍ଲିକଙ୍କ ଝିଅ ଅଟନ୍ତି । ଏହି ପୁରସ୍କାର ପାଇବା ପରେ ସାଇନା ନିଜର ମା'ଙ୍କ ସହିତ ପରିବାରବର୍ଗଙ୍କୁ ଏହି ବିଜୟର ଶ୍ରେୟ ପ୍ରଦାନ କରିଛନ୍ତି । ବିଶେଷ କରି ମଡେଲିଂ କରିବାରେ ମା'ଙ୍କ ପ୍ରେରଣା ଓ ସପୋର୍ଟ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ସାଇନା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରି ଭବିଷ୍ୟତରେ ଜଣେ ଏୟାର ହୋଷ୍ଟେସ୍ ହେବାକୁ ସ୍ୱପ୍ନ ରଖିଥିବା ଉଲ୍ଲେଖ କରିଛନ୍ତି । ତେବେ ଆଗାମୀ ଦିନରେ ସର୍ବଭାରତୀୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିବେ ବୋଲି ମଧ ସେ ଉଲ୍ଲେଖ କରିଛନ୍ତି । ପାଠପଢ଼ା ସହିତ ଏଭଳି ଏକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବାରୁ ସାଇନାଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ଅତାବିରା ଏନ୍ଏସିରେ ହୋଲ୍ଡିଂ ଟ୍ୟାକ୍ସକୁ ବିଜେଡିର ବିରୋଧ



**ବରଗଡ଼, ୨୭।୩ (ସମିସ):** ଏପ୍ରିଲ ୧ରୁ ଅତାବିରା ଏନଏସିରେ ଲାଗୁ ହେବାକୁଥିବା ହୋଲ୍ଡିଂ ଟ୍ୟାକ୍ସକୁ ଅତାବିରା ବିଜେଡି ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି । ଏନେଇ ଅତାବିରା ବିଜୁ ଜନତା ଦଳ ପକ୍ଷରୁ ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡା କହିଛନ୍ତି ଯେ, ଅତାବିରା ଏନଏସି ଘୋଷଣା ହୋଇଥିଲେ ମଧ ଏଠାରେ ଅଧିକ ସଂଖ୍ୟାରେ ଗରିବ ପରିବାର ବସବାସ କରୁଛନ୍ତି । ବିଜେଡି ପୂର୍ବରୁ ହୋଲ୍ଡିଂ ଟ୍ୟାକ୍ସକୁ ବିରୋଧ କରିଆସିଛି । ହୋଲ୍ଡିଂ ଟ୍ୟାକ୍ସ ଲାଗୁହେବା ଦ୍ୱାରା ଗରିବ ଲୋକଙ୍କ ଉପରେ ବୋଝ ବଢ଼ିବ । ଏହି ସମୟରେ ରାଜ୍ୟସଭା ସାଂସଦ ପ୍ରତିନିଧି ଯତୀନ ଦାସ,ଏନଏସି ଅଧକ୍ଷ ବନମାଳୀ ବରିହା, ଉପାଧକ୍ଷା ଅନୁସୂୟା ବିଶାଳ, ୱାର୍ଡ ସଭ୍ୟା ସଭ୍ୟା ବିଲୋସ ଯୋନପୁରୀ, ନେପାଳ ପ୍ରଧାନ, ନାରାୟଣ ସାହୁ, ରାଜୀବ କହରା, ମନୋଜ ପ୍ରଧାନ, ସୁରେଖା ବାଗ, ଯମୁନା ଭୁଏ, ସବିତା ମଲ୍ଲିକ, ପ୍ରମିଳା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# କିଶୋରୀ ବାଳିକା ଶିକ୍ଷା ସଚେତନତା ଶିବିର

**ଦହିତା, ୨୭।୩ (ସମିସ):** ସ୍ଥାନୀୟ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ, ଦହିତାରେ ପ୍ରଧାନଶିକ୍ଷକ କ୍ଷୀରସିନ୍ଧୁ ସୁନାଙ୍କ ଉପସ୍ଥିତିରେ କିଶୋରୀ ବାଳିକା ଶିକ୍ଷା ସଚେତନତା ଶିବିର ଉଦଘାଟିତ ହୋଇଯାଇଛି । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଚଞ୍ଚଳା କୁମାରୀ ସାହୁ ସଭାନେତ୍ରୀ, ରାଜବୋଡ଼ାସମ୍ବର ବ୍ଲକ୍ ଅଧିକାରୀ ସରୋଜା ବେହେରା ମୁଖ୍ୟ ଅତିଥି, ଡ. ପ୍ରିୟମ୍ବଦା ସୁନା ମୁଖ୍ୟବକ୍ତା, ଦହିତା ସରପଞ୍ଚ ଦମୟନ୍ତୀ ପାଣ୍ଡେ ସମ୍ମାନିତ ଅତିଥି, ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ସୀତା ମେହେର, ତୁଳସୀ ସେଠ, ପୁଷ୍ପା ବାଗ, ସୁମିତ୍ରା ସେଠ ଉପସ୍ଥିତ ଥିଲେ । ବାଳିକାଙ୍କ ଶାରୀରିକ, ମାନସିକ ତଥା ବୌଦ୍ଧିକ ବିକାଶ ପାଇଁ ମତ ରଖିଥିଲେ । କାର୍ଯ୍ୟକ୍ରମକୁ ସଫଳ ପାଇଁ ସହଯୋଗର ହାତ ବଢ଼େଇଥିଲେ ଉପେନ୍ଦ୍ର ପଟେଲ, ସାମାଜିକ କର୍ମୀ ସପ୍ତସିନ୍ଧୁ ବଗର୍ତ୍ତୀ, ଶିକ୍ଷୟିତ୍ରୀ ପୂଜା ସାହୁ, ସୋନାଲିକା ଶବର, ମନୀଷା ବେଶ୍ରା, ଅଞ୍ଜଳି ବେହେରା, ଶିକ୍ଷକ କ୍ଷୀରୋଦ୍ର ନାଥ ସାହୁ, କିଶୋର ତକୁମ୍ବାର, ଦୀପକ ସିଂ ବରିହା, ତ୍ରିଲୋକେଶ ବରିହା, ତୁଷାର ରଞ୍ଜନ ପାଣିଗ୍ରାହୀ ଓ ପୂରନ ବାଗ । ଶେଷରେ ଧନ୍ୟବାଦ ଦେଇଥିଲେ ଶିକ୍ଷୟିତ୍ରୀ ରେବତୀ ବିଶି ।




ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ୍ ରାସ୍ତା ଜବରଦଖଲ ମାମଲା

# ଜିଲ୍ଲା ପ୍ରଶାସନ ପକ୍ଷରୁ ମାପଚୁପ ଆରମ୍ଭ

**ବରଗଡ଼, ୨୭ । ୩(ସମିସ)**

ବରଗଡ଼ ସହରର ବହୁଚର୍ଚ୍ଚିତ ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜୀରା ବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଦାବିରେ ଆନ୍ଦୋଳନ ଚେତାବନୀ ଦେବା ପରେ ପୌର ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ପୁଣି ଆରମ୍ଭ କରିଛି । ଏହି କ୍ରମରେ ଆଜି ପୌର ପ୍ରଶାସନ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକଠାରୁ ରାସ୍ତା ମାପଚୁପ ଆରମ୍ଭ କରିଛି । ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସଞ୍ଜୀବ ମିଶ୍ର ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ମାପଚୁପ କରିଛନ୍ତି । ଗତ ୨୦୨୩ ମସିହାରୁ ଦାବି ଜୋର୍ ଧରି ଆସିଛି । ଜିଲ୍ଲା ଓକିଲ ସଂଘ ନେତୃତ୍ୱରେ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ବିଭିନ୍ନ ଅନୁଷ୍ଠାନର ଦୃଢ଼ ଦାବି ପରେ ପ୍ରଶାସନ ସେତେବେଳେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା । ମାତ୍ର ଉଚ୍ଛେଦ ପ୍ରକ୍ରିୟାରେ ପ୍ରଭାବିତ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ବିଚାର ପ୍ରକ୍ରିୟାରେ ସମୟ ଗଡ଼ିଥିଲା । ମାତ୍ର ଉଚ୍ଚ ନ୍ୟାୟାଳୟ ଥରେ ନୁହେଁ, ୩ ଥର ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରିସାରିଛନ୍ତି । ଏହା ସତ୍ତ୍ୱେ ସମ୍ପୃକ୍ତ ଜବରଦଖଲକୁ ପ୍ରଶାସନ ଏ ଯାଏ ହଟାଇ ପାରିନାହିଁ । ଏହାକୁ ନେଇ ଅସନ୍ତୋଷ ବଢ଼ି ଚାଲିଥିବା ବେଳେ ଗତ ୨୨ ତାରିଖରେ ସ୍ଥାନୀୟ ସମଲେଶ୍ୱରୀ ସଂଘର ଆହ୍ୱାନ କ୍ରମେ ନାଗରିକ ବୈଠକ ହୋଇଥିଲା । ଏଥିରେ ଜିଲ୍ଲା ଓକିଲ ସଂଘ ସମେତ ବିଭିନ୍ନ ରାଜନୈତିକ ଏବଂ ସାମାଜିକ ଅନୁଷ୍ଠାନର ପ୍ରତିନିଧି ଏବଂ ସହରର ସଚେତନ ନାଗରିକମାନେ ଉପସ୍ଥିତ ଥିଲେ । ବୈଠକରେ ଉଚ୍ଛେଦ ନେଇ ଦୃଢ଼ ଦାବି ହୋଇଥିବା ବେଳେ ସେଥିରେ ପ୍ରଶାସନିକ ଅପାରଗତାକୁ ନେଇ ଉଦବେଗ ପ୍ରକାଶ ପାଇବା ସହିତ ଆନ୍ଦୋଳନ ନିଷ୍ପତ୍ତି ହୋଇଥିଲା । ଏହି ପରିପ୍ରେକ୍ଷୀରେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବନାନ ସାହୁ ଏବଂ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଉଚ୍ଛେଦ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଲିଖିତ ଭାବରେ ଜଣାଇ ଦିଆଯାଇଛି । ତେବେ ଏଥର ଉଚ୍ଛେଦ ହେବ ନା ପୂର୍ବଭଳି କେବଳ ମାପଚୁପରେ ଉଚ୍ଛେଦ ସୀମିତ ରହିବ, ସେଥିପ୍ରତି ସଭିଙ୍କ ନଜର ରହିଛି । ସମଲେଶ୍ୱରୀ ସଂଘ ସଭାପତି ସମୀର ପ୍ରଧାନ, ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ବରିଷ୍ଠ ଆଇନଜୀବୀ ଭୀଷ୍ମଦେବ ସରାଫ, ନିଧୁବନ୍ ବିହାରୀ ପ୍ରସାଦ ପଣ୍ଡା, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ପଣ୍ଡା, ପ୍ରୀତମ ସିଂ, ଈଶ୍ୱର ବାଗ, ପାଣ୍ଡବ କର୍ଣ୍ଣ, ବୀରେନ ପ୍ରଧାନ, ଶିବାନନ୍ଦ ମଟାରି, ଭବାନୀ ସାହୁ, ନିଖିଲ ପାଣିଗ୍ରାହୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇ ଦେଇଥିଲେ ଯେ, ଆସନ୍ତା ୧୦ ଦିନ ମଧ୍ୟରେ ଜବରଦଖଲ ଉଚ୍ଛେଦ ନହେଲେ ଆନ୍ଦୋଳନ ଜୋରଦାର ହେବ ।




# ରବିଋତୁ ଧାନ ବିକ୍ରି ପାଇଁ ବିଦ୍ୟୁତ୍ ବିଲ୍ ବାଧ୍ୟତାମୂଳକ କରା ନଯାଉ



**ବରଗଡ଼, ୨୭ । ୩(ସମିସ):** ଚଳିତ ରବି ଋତୁରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ ସମୟରେ ଜିଲ୍ଲାର ଅଣଜଳସେଚିତ ଅଞ୍ଚଳ ତଥା ସେଚାଞ୍ଚଳର କିଛି ପଞ୍ଚାୟତର କୃଷକଙ୍କୁ ବିଦ୍ୟୁତ୍ ବିଲ୍ ବାଧ୍ୟତାମୂଳକ କରିବା ପ୍ରସଙ୍ଗରେ ଜୟ କିଷାନ ଆନ୍ଦୋଳନର ଏକ ପ୍ରତିନିଧି ମଣ୍ଡଳୀ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହିତ ଆଲୋଚନା କରି ଏକ ଲିଖିତ ଅଭିଯୋଗ କରିଛନ୍ତି । ବିଗତ ବର୍ଷ ମାନଙ୍କରେ ବିନା ବିଦ୍ୟୁତ୍ ବିଲ୍ ରେ ଯଦି ପଞ୍ଜୀକରଣ ସମ୍ଭବ ହୋଇଥିଲା, ଚଳିତ ବର୍ଷ କାହିଁକି ଏହାକୁ ବାଧ୍ୟତାମୂଳକ କରାଯାଇଛି ସେ ସମ୍ପର୍କୀୟ ଦୀର୍ଘ ସମୟ ଆଲୋଚନା ପରେ ଜିଲ୍ଲାପାଳ ଏ ସଂପର୍କରେ ଉପନିବନ୍ଧକ ବରଗଡ଼ଙ୍କ ସହିତ ଆଲୋଚନା କରି ଏହାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନବେ ଏବଂ କୌଣସି ଚାଷୀକୁ ଧାନ ବିକ୍ରି ବ୍ୟବସ୍ଥାରୁ ବଞ୍ଚିତ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଆଲୋଚନାରେ ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସଂପାଦକ ହର ବଣିଆଁ, ତପୋବନ୍ତ ନାୟକ, ଅଶ୍ୱିନୀ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଶିବ ପ୍ରସାଦ ପ୍ରମୁଖ ବିଶି ଆଲୋଚନା କରିଥିଲେ ।

# ରେମତା ହାଇସ୍କୁଲର ବାର୍ଷିକ ଉତ୍ସବ

**ବରପାଲି, ୨୭।୩(ସମିସ):** ବରପାଲି ବ୍ଲକ ରେମତା ହାଇସ୍କୁଲର ୩୨ ତମ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା ଓ ମୁଖ୍ୟବକ୍ତା ଭାବରେ ସିଆରସିସି ଲୁପାନଚନ ବାରିକଙ୍କ ସମେତ ସମ୍ମାନିତ ଅତିଥି ସରପଞ୍ଚ ବିନୟ ଗଡ଼ତିଆ, ପୂର୍ବତନ ସ୍କୁଲ ପରିଚାଳନା କମିଟି ସଭାପତି ଧୀରଜ ପଧାନ ଓ ଦିବ୍ୟକିଶୋର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବତନ ସ୍କୁଲ ପରିଚାଳନା କମିଟି ସଭାପତିମାନଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିବା ବେଳେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ହୋଇଥିଲା । ସ୍ୱାଗତ ଓ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ମିନାକ୍ଷୀ ସାହୁ, ପରିଚୟ ଓ ବିବରଣୀ ପାଠ କରିଥିଲେ ସୁନୀତି ପାତ୍ର । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକେ ସଂଯୋଜନା କରିଥିଲେ ଶିକ୍ଷକ ଉମେଶ ଚନ୍ଦ୍ର ସାହୁ ଓ ଶିକ୍ଷୟିତ୍ରୀ ଅର୍ପିତା ପଧାନ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷକ ବେହେରା ଓ ସଂଯୁକ୍ତା ଦଶ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ନିହାର ବେହେରା ।

# ୨୯ରୁ ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଆରମ୍ଭ

**ପଦ୍ମପୁର, ୨୭।୩(ସମିସ):** ଆସନ୍ତା ୨୯ ତାରିଖରୁ ପଦ୍ମପୁର ବଡ଼ବନ୍ଧ ବନଦୁର୍ଗା ମନ୍ଦିରରେ ହେବ ବାସନ୍ତିକ ନବରାତ୍ର ଦୁର୍ଗାପୂଜା । ଶନିବାର ସଂଧ୍ୟା ୭ଟାରେ କଳସାଧିବାସ, ଅଙ୍କୁରାରୋପଣ ଓ ନବଦିନାତ୍ମକ ପୂଜା ଆରମ୍ଭ ହେବ । ସେହିଭଳି ରବିବାର ଦେବୀ ଆବାହନ ପୂଜା ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ, ଚଣ୍ଡୀହୋମ ଆୟୋଜନ କରାଯିବ । ଏହି ସମୟରେ ୧୦୮ ଦୀପ ପ୍ରଜ୍ୱଳନ କରାଯିବାର କାର୍ଯ୍ୟକ୍ରମ ରହିଛି । ପ୍ରତିଦିନ ମା'ଙ୍କ ନିକଟରେ ଅନ୍ନଭୋଗ ଆଳତୀ ଓ ମିଷ୍ଟାନ୍ନ ଭୋଗ ଲାଗି ହେବ । ଚୈତ୍ର କୃଷ୍ଣପକ୍ଷ ଆମାବାସ୍ୟାରୁ ଚୈତ୍ର ଶୁକ୍ଳପକ୍ଷ ଦଶମୀ ପର୍ଯ୍ୟନ୍ତ ନବରାତ୍ର ଦୁର୍ଗାପୂଜା ଆୟୋଜନ କରାଯାଉଥିବା ବନଦୁର୍ଗା ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏପ୍ରିଲ ୭ ତାରିଖରେ ପୂର୍ଣ୍ଣାହୁତି ଓ ଘଟ ବିସର୍ଜନ କରାଯିବ ବୋଲି ବନଦୁର୍ଗା ମନ୍ଦିର ପରିଚାଳନା କମିଟି ସଭାପତି ଡଃ ପ୍ରଭାତ ନାରାୟଣ ତ୍ରିପାଠୀ ଓ ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ କହିଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

# ଜଗନ୍ନାଥ ମନ୍ଦିରର ପ୍ରାଣପ୍ରତିଷ୍ଠା ଲାଗି ଷୋହଳ ପ୍ରହରୀ ସଂକୀର୍ତ୍ତନ

**ଝାରବନ୍ଧ, ୨୭।୩(ସମିସ):** ଝାରବନ୍ଧ ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠାର ୨୬ବର୍ଷ ପୂର୍ତ୍ତି ଉପଲକ୍ଷେ ଷୋହଳ ପ୍ରହରୀ ନାମ ସଂକୀର୍ତ୍ତନ କରାଯାଇଥିଲା । ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଣ୍ଡାମୁଣ୍ଡା, ଲେଣ୍ଡା, ସତୀଭଟା, ଅମେଲଡ଼ିହି, ପଗାରପାଣି, ଦୁବୁଲାବାହାଲ, ନିଲଜୀପତ୍ରା, ତିଳେଇଦାଦର, ଜାମପାଲି, କୋତନା ସମେତ ଝାରବନ୍ଧର ତିନୋଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ଆରଦ୍ରା ବାଗ ଓ ସୁମିତ୍ରା ବାଗ ଦମ୍ପତି କର୍ତ୍ତା ଭାବରେ ପୂଜା କାର୍ଯ୍ୟ ସଂପାଦନ କରିଥିଲେ । ଗ୍ରାମର କୁଳ ପୁରୋହିତ ଝସକେତନ ନନ୍ଦ ମୁଖ୍ୟ ପୂଜକ ଥିବା ବେଳେ ନୀଳମଣି ତ୍ରିପାଠୀ, ମହେନ୍ଦ୍ର ମହାପାତ୍ର, ଗୋପୀନାଥ ମହାପାତ୍ର, ଜଗନ୍ନାଥ ମନ୍ଦିର ପୂଜକ ଝସକେତନ ପଣ୍ଡା ସହଯୋଗ କରିଥିଲେ । ପ୍ରତ୍ୟହ ହଜାର ହଜାର ଭକ୍ତ ସମାଗମ ହେଉଥିଲା । ଗ୍ରାମବାସୀଙ୍କ ତରଫରୁ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।

# ପାଇକମାଳ ସମବାୟ ସମିତିର ବାର୍ଷିକ ସଭା

**ପାଇକମାଳ, ୨୭ ।୩ (ସମିସ) :** ପାଇକମାଳ ବ୍ଲକ୍ ଅନ୍ତର୍ଗତ ଶ୍ରୀ ଶ୍ରୀ ନୃସିଂନାଥ ବିନ୍ଧ୍ୟବସିନୀ ଡାକ ବଙ୍ଗଳା ଠାରେ ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ପାଇକମାଳ ସମବାୟ ସମିତିର ବାର୍ଷିକ ସଭା ଅନୁଷ୍ଠିତ ହେଇଥିଲା । ସଭାରେ ପୂର୍ବବର୍ଷର ବିବରଣୀ ପାଠ କରାଯାଇଥିଲା । ସମ୍ପାଦକ ରମେଶ କୁମାର ସାହୁ ଗତବର୍ଷ କେତେ ଋଣ ଦିଆହୋଇଥିଲା ଓ କେତେ ସାର ଆଦାୟ ହୋଇଥିଲା, ସେ ସମ୍ପର୍କରେ ବୁଝାଇଥିଲେ । ସଭାରେ ପାଇକମାଳ ସମବାୟ ସମିତି ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ । ବୋଧନ ସାହୁ, ସାଧୁରାମ ସୁନା, ଯୁଧିଷ୍ଠିର ସାହୁ, ବିଞ୍ଚି ଭୋଇ, ବେଣୁଧର ସାହୁ, ସାନ୍ତିଲାଲ ସାହୁଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

# ଗଙ୍ଗାଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ବରପାଲି, ୨୭ ।୩ (ସମିସ):** ବରପାଲି ଗଙ୍ଗାଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ବ୍ଲକ ଗୋଷ୍ଠୀ ଶିକ୍ଷକ୍ଷ ଅଧିକାରୀ ମୁକୁନ୍ଦ ମହରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ଦାଶ ଓ ସମ୍ମାନିତ ଅତିଥି ଭାବରେ ସିଆରସିସି ଶ୍ରୀନିବାସ ସାର ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆନନ୍ଦ ଛତ୍ରିଆଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ରାଉତ ସ୍ୱାଗତ ଜଣାଇଥିବା ବେଳେ ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଅତିଥିମାନେ ପିଲାମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ଶିକ୍ଷୟିତ୍ରୀ ସବିତା ମିଶ୍ର, ସୁଶାନ୍ତି ସାହୁ, ମଧୁମିତା ବାବୁ, ନିବେଦିତା ସାହୁ, ସଂଯୁକ୍ତା ପଧାନ ଓ ଅତିଥି ଶିକ୍ଷୟିତ୍ରୀ ତୃଷ୍ଣା ବାଗଙ୍କ ସହଯୋଗରେ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଥିଲା ।



# ସ୍ଥାୟୀ ଜୀବନଶୈଳୀ ଉପରେ ବିଜ୍ଞାନ ପ୍ରଦର୍ଶନୀ



**ଭେଡେନ, ୨୭।୩(ସମିସ):** ସ୍ଥାନୀୟ ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟ, ଭେଡେନରେ ବିଇଓ ମଛିନ୍ଦ୍ର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭେଡେନ ବ୍ଲକସ୍ତରୀୟ ସ୍ଥାୟୀ ଜୀବନଶୈଳୀ ଉପରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଇଓ ହେମବତି ମେହେର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ହାଇ ସ୍କୁଲର ପ୍ରଧାନଶିକ୍ଷକ ରଞ୍ଜନ କୁମାର ନାୟକ ଓ ବ୍ଲକ୍ ବିଜ୍ଞାନ ସଂଯୋଜକ, ଝରକ୍ଷପାଲି ହାଇସ୍କୁଲ ସଞ୍ଜୀବ କୁମାର ପଧକ୍ଷନ ଯୋଗଦେଇଥିଲା । ବ୍ଲକରୁ ସର୍ବମୋଟ ୫୦ କୁନି ବିଜ୍ଞାନ ପ୍ରତିଯୋଗୀ ଭାଗ ନେଇଥିଲେ । ବିଚାରକ ଭାବେ ପ୍ରଧାନଶିକ୍ଷକ ଗଙ୍ଗାଧର ମେହେର ଏନଏସି. ହାଇସ୍କୁଲ ବରପାଲି ମନୋଜ ବାରିକ, ବିଜ୍ଞାନ ଶିକ୍ଷକ ସରକାରୀ ବାଳକ ହାଇସ୍କୁଲ, ବରପାଲି, ଜୟ ପ୍ରକାଶ ପଧକ୍ଷନ ଓ ବିଜ୍ଞାନ ଶିକ୍ଷକ ସରକାରୀ ବାଳିକା ହାଇସ୍କୁଲ, ମନୋଜ ବଡ଼େଇ ଯୋଗ ଦେଇଥିଲେ । କୃତୀ ପ୍ରତିଯୋଗୀ ପରବର୍ତ୍ତୀ ସମୟରେ ଜିଲ୍ଲା ସ୍ତରରେ ଭାଗ ନେବେ । ଉଦଯାପନୀ ଉତ୍ସବରେ ବିଇଓ ମଛିନ୍ଦ୍ର ମଲ୍ଲିକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କକ୍ଷର ପ୍ରଦାନ କରିଥିଲେ । ପ୍ରଦର୍ଶନୀରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ମଧ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । କାର୍ଯକ୍ରମକୁ ଶିକ୍ଷକ ଗୋବିନ୍ଦ ସେଠ୍ ଓ ଆଶିଷ ଦେଓ ପରିଚକ୍ଷଳନକ୍ଷ କରିଥିଲେ । ବିଜ୍ଞାନ ଶିକ୍ଷୟିତ୍ରୀ ଡଲି ବୁଧିଆ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଆମ ଜୀବନଶୈଳୀ ନେଇ ବ୍ଲକ୍ସ୍ତରୀୟ ପ୍ରଦର୍ଶନୀ

**ପଦ୍ମପୁର /ଗାଇସିଲେଟ, ୨୭।୩ (ସମିସ)**



ଆମ ଜୀବନଶୈଳୀ ଉପରେ ଆଧାରିତ ଏକ ବ୍ଲକସ୍ତରୀୟ ପ୍ରଦର୍ଶନୀ ଗାଇସିଲେଟ ବ୍ଲକର ସରକାରୀ ନୋଡାଲ ହାଇସ୍କୁଲ ଶରଧାପାଲିରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ସମାରୋହରେ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉକିଲ ପାଣ୍ଡେ ଅଧ୍ୟକ୍ଷତା କରିଥିଲେ । ଗାଇସିଲେଟ ବିଇଓ ରାମଲାଲ ବରିହା ମୁଖ୍ୟ ଅତିଥି, ଏବିଇଓ ଜୟ କୁମାର ସାହୁ, ସ୍ଥାନୀୟ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଅନୀଲ ବେହେରା ସମ୍ମାନିତ ଅତିଥି ଭାବରେ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟର ୫୦ ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ନାଥ, ରାଜେଶ ଖମାରୀ ଓ ମାନସ ରଞ୍ଜନ ଶତପଥୀ ବିଚାରକ ଥିଲେ । ଦ୍ୱିତୀୟ ପର୍ଯ୍ୟାୟ ସମାରୋହରେ ବିଆରସିସି ନେହେରୁ ଦାଶଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣୟ ସାହୁ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ଶରଧାପାଲି ସରପଞ୍ଚ ଲକ୍ଷ୍ମୀ ପ୍ରଧାନ, ଏବିଇଓ ଧବଳେଶ୍ୱର ବରିହା, ଶିକ୍ଷାବିତ ନିରଞ୍ଜନ ପଣ୍ଡା, ପରମେଶ୍ୱର ସାହୁ, ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଜଗଲପାଟର ରଞ୍ଜିତା ଭୁଏ, ଗାଇସିଲେଟ ନୋଡାଲ ହାଇସ୍କୁଲର ସନ୍ଧ୍ୟାରାଣୀ ସାହୁ, ଓ କଠଉମାଲ ନୋଡାଲ ହାଇସ୍କୁଲର କ୍ରିଷ୍ଣା ମହାନନ୍ଦ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ଉନ୍ନିତ ହୋଇଛନ୍ତି । ଭାରତ ସରକାର ଓ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ ପରିବେଶ ଶିକ୍ଷା କେନ୍ଦ୍ର ଭୁବନେଶ୍ୱର ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରଦର୍ଶନୀକୁ ଗାଇସିଲେଟ ବ୍ଲକ ବିଜ୍ଞାନ ସଂଯୋଜକ ମୋହନ ରଣା ସଂଯୋଜନା କରିଥିବା ବେଳେ ଆୟୋଜକ ବିଦ୍ୟାଳୟର ବିକାଶ ଚନ୍ଦ୍ର ରଣା, ବିନ୍ଦୁ ବରିହା, ନିହାରିକା ବଡ଼ାଇ, ମାନଭଞ୍ଜନ ପାଣିଗ୍ରାହୀ, ମିତ୍ରବିନ୍ଦା ଦାଶ ଓ ଅନ୍ୟାନ୍ୟ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

# ସଚେତନ ହେମା ଅନୁଷ୍ଠାନର ବିଶ୍ୱନାଟ୍ୟ ଦିବସ




**ପଦ୍ମପୁର, ୨୭।୩ (ସମିସ):** ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗ୍ରାମରେ ସଚେତନ ହେମା ଅନୁଷ୍ଠାନ ଦ୍ୱାରା ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରର ଗୁରୁ ଆନନ୍ଦ ବାଗ ମୁଖ୍ୟ ଅତିଥି, ନାଟ୍ୟକାର ରାଜକୁମାର ସାହୁ ମୁଖ୍ୟବକ୍ତା, ଲାଲ ସାହେବ ସାହୁ ଓ ଘନଶ୍ୟାମ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କ ଅନୁସୃଜିତ ବାର୍ତ୍ତାକୁ ନାଟ୍ୟକାର ରାଜକୁମାର ସାହୁ ପଠନ କରି ନାଟକ କରିବା ଦ୍ୱାରା ସ୍ୱର୍ଗୀୟ ସୁଖ ପ୍ରାପ୍ତହୁଏ ଓ ଦେଖିବା ଲୋକ ଅମୃତ ପାନକରେ ବୋଲି କହିଥିଲେ । କାର୍ତ୍ତିକ ମହାନନ୍ଦ ଓ ସ୍ୱପ୍ନେଶ୍ୱରୀ ସାହୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଘନଶ୍ୟାମ ଭୋଇ ରାମ ବନବାସ ଦୃଶ୍ୟକୁ ଅଭିନୟ କରି ପ୍ରଶଂସିତ ହୋଇଥିଲେ । କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସମ୍ପାଦକ ମହେନ୍ଦ୍ର ସାହୁ, ମାନସୀ ସାହୁ, ଆରାଧ ସାହୁ, ଆଲିଶା ସାହୁ, ଚକ୍ଷଦିନୀ ସାହୁ ସହଯୋଗ କରିଥିଲେ ।

## ବାମଣ୍ଡା କଳାକାର ସଙ୍ଘ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ

# ମଞ୍ଚସ୍ଥ ହେଲା ନାଟକ 'ବୁଢ଼ା ମାଷ୍ଟର'



**ଦେବଗଡ଼, ୨୭।୩(ସମିସ):** ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଜିଲ୍ଲା ସଂସ୍କୃତି ପରିଷଦ ସହାୟତାରେ ବାମଣ୍ଡା କଳାକାର ସଙ୍ଘ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସଙ୍ଘ ପକ୍ଷରୁ ବର୍ଷିଆନ କଳାକାରଙ୍କୁ ନେଇ ନାଟକ 'ବୁଢ଼ା ମାଷ୍ଟର' ମଞ୍ଚସ୍ଥ ହୋଇଯାଇଛି । କୁମୁଦ ଚନ୍ଦ୍ର ଶତପଥିଙ୍କ ରଚନା ଓ ରୋମିଓ ମହାପାତ୍ରଙ୍କ ନିର୍ଦ୍ଦେଶିତ ନାଟକ 'ବୁଢା ମାଷ୍ଟର' ରେ ସମାଜ ପ୍ରତି ଶିକ୍ଷକଙ୍କ ଜୀବନବ୍ୟାପୀ ସମର୍ପଣ ଓ ସଂଘର୍ଷର ଚିତ୍ର ପ୍ରଦର୍ଶିତ କରାଯାଇଥିଲା । ଅନୁଷ୍ଠାନର ବରିଷ୍ଠ କଳାକାର ସନ୍ତୋଷ କୁମାର ସାହୁ ବୁଢ଼ା ମାଷ୍ଟର ଭୂମିକାରେ ଥିବା ବେଳେ ପ୍ରଦୀପ କୁମାର ଅମାତ, ଦିଲ୍ଲୀପ କୁମାର ଗୁରୁ, ସୁଶାନ୍ତ କୁମାର ନନ୍ଦ, ଉପେନ୍ଦ୍ର ଭଞ୍ଜ,ଧ୍ରୁବଚରଣ ବେହେରା, ଶ୍ରବଣ ନାୟକ, ତେଜସ୍ୱିନୀ ନାୟକ, ପ୍ରୀତମ ବେହେରା, ମୁକେଶ ସାହୁ, ଚିନ୍ମୟ ଦାଶ,ସାଗର ପୃଷ୍ଟି, ସାହାନା ସାହୁ, ଉଜ୍ୱଳ ଭଞ୍ଜ, ନିଶାନ ପାଢ଼ୀ, ନିଶାନୀ ପାଢ଼ୀ, ଗୀତାଞ୍ଜଳି ତିୱାରୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ନାଟକରେ କଣ୍ଠ ଅରୁନ୍ଧତୀ ଦାଶ, ସଂଗୀତ ମୁନା, ସୋମ ଓ ରାଜୁ ଦେଇଥିବା ବେଳେ ମଞ୍ଚ ସଜ୍ଜାରେ ସୌମ୍ୟ ରଞ୍ଜନ ନାୟକ, ଆଲୋକ ସଜ୍ଜାରେ ପ୍ରଶାନ୍ତ ମହାରଣା ଓ ପୂର୍ଣ୍ଣଚନ୍ଦ୍ର ବୁଢ଼ା ସହଯୋଗ କରିଥିଲେ । ଏହା ପୂର୍ବରୁ ବିଶ୍ୱ ନାଟକ ଦିବସ ଅବସରରେ ସଙ୍ଘର ସଭାପତି ବିପିନ ନନ୍ଦଙ୍କ ଅଧ୍ୟକ୍ଷତା ଓ ଉପଦେଷ୍ଟା ହେମନ୍ତ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଜିଲ୍ଲାର ବର୍ଷିଆନ ଲୋକପ୍ରିୟ ମଞ୍ଚ କଳାକାର ପ୍ରଦୀପ କୁମାର ପଣ୍ଡା ଓ ପ୍ରଦୀପ କୁମାର ଅମାନ୍ତଙ୍କୁ ବାମଣ୍ଡା ନାଟ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଲଖନପୁର ତହସିଲଦାରଙ୍କୁ ୨ ଗ୍ରାମବାସୀଙ୍କ ଦାବିପତ୍ର



**ଝାରସୁଗୁଡ଼ା, ୨୭।୩(ସମିସ):** ବିଭିନ୍ନ ସମସ୍ୟାନେଇ ଲଖନପୁର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି ପିପିଲିମାଲ ବଢ଼େଇପଡ଼ା ଏବଂ କଟୁଜୋର ଗ୍ରାମବାସୀ। ସ୍ଥାୟୀ ଜମିପଟ୍ଟା ପ୍ରଦାନ ପାଇଁ ଲଖନପୁର ତହସିଲଦାରଙ୍କୁ ପିପିଲିମାଲ ଓ କଟୁଜୋର ବାସିନ୍ଦା ୩ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ କରି ଉଭୟ ଗ୍ରାମବାସୀ କହିଛନ୍ତି ସେମାନେ ପିପିଲିମାଲ ଏବଂ କଟୁଜୋର ଅଞ୍ଚଳରେ ଥିବା ସରକାରୀ ଆବଦ ଯୋଗ୍ୟ ଅନାବାଦୀ ଜମିରେ ପିଢ଼ି ପରେ ପିଢ଼ି ରହି ଆସୁଛନ୍ତି। ହେଲେ ଏହି ଜମିର ଫାଇନ ପ୍ରଦାନ କରି ଜମି ଛାଡ଼ିବାକୁ ସେମାନଙ୍କୁ ନୋଟିସ କରାଯିବାସହ ଆଜି ଏହାର ଶୁଣାଣି କରାଯାଇଛି। ଯାହା ବଂଶାନୁକ୍ରମେ ରହି ଆସୁଥିବା ପିପିଲିମାଲ ଏବଂ କଟୁଜୋରବାସୀଙ୍କ ପ୍ରତି ଅନ୍ୟାୟ ଅଟେ। ତେଣୁ ଅନୁଷ୍ଠିତ ହୋଇଥିବା ଜନଶୁଣାଣିକୁ ବାତିଲ କରାଯାଉ। ବର୍ଷ ବର୍ଷ ଧରି ରହି ଆସୁଥିବା ଗ୍ରାମବାସୀଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି ପିପିଲିମାଲ ଏବଂ କଟୁଜୋର ବାସିନ୍ଦା।

# ଗୋରୁ ବୋଝେଇ ଭ୍ୟାନ୍ ଜବତ



**ଝାରସୁଗୁଡ଼ା, ୨୭।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ଚିଖୀଲାପାଲି ରାସ୍ତାନିକଟରୁ ବେଆଇନ ଭାବେ ଗୋରୁ ବୋଝେଇ କରିନେଉଥିବା ଭ୍ୟାନ୍‌କୁ ଜବତ କରିଛି ରେଙ୍ଗାଲି ପୁଲିସ। ପଡ଼ୋଶୀ ଛତିଶଗଡ଼ରୁ ଓଡ଼ିଶାର ସୁନ୍ଦରଗଡ଼ ଅଞ୍ଚଳକୁ ଏକ ନମ୍ବର ବିହୀନ ଭ୍ୟାନ୍‌ରେ ବେଆଇନ ଭାବେ ଗୋରୁଚାଲାଣ ହେଉଥିବାକୁ ନେଇ ରେଙ୍ଗାଲି ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ପୁଲିସ ଭିକମପାଲି ଛକ ନିକଟରେ ନାକାବନ୍ଦି କରି ଗାଡ଼ିଟିକୁ ଅଟକାଇବାକୁ ପ୍ରୟାସ କରିଥିଲା। ତେବେ ଗୋଚାଲାଣକାରୀ ଦୁର୍ବୃତ୍ତମାନେ ଗାଡ଼ିଟିକୁ ନ ଅଟକାଇ ଦ୍ରୁତ ଗତିରେ ଫେରାର ମାରିଥିଲେ। ଭ୍ୟାନକୁ ପିଛାକରି ଚିଖିଲାପାଲି ନିକଟସ୍ଥ ରାସ୍ତାରୁ ଜବତ କରିଥିବାବେଳେ ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତମାନେ ଫେରାର ମାରିଥିବା ରେଙ୍ଗାଲି ପୁଲିସ ସୂଚନା ଦେଇଛି। ଜବତ ଗାଡ଼ିରେ ୮ଟି ଗୋରୁ ଚାଲାଣ ହେଉଥିବାବେଳେ ସେମାନଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଗୋ-ଶାଳାକୁ ହସ୍ତାନ୍ତର କରାଯାଇଛି।

# ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ

**ଝାରସୁଗୁଡା/ବନ୍ଧବାହାଲ , ୨୭।୩(ସମିସ):** ଲଖନପୁର ବ୍ଲକ ଅନ୍ତର୍ଗତ ଦଳଗାଁ ସରକାରୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପଞ୍ଚଦିବସୀୟ 'ପ୍ରସ୍ତୁତି' ଶିକ୍ଷକ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଏହି ତାଲିମ ଶିବିର ଗତ ଶନିବାରରୁ ଆରମ୍ଭ ହୋଇଥିଲା। ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ବିଦ୍ୟାଳୟରେ ଶିଶୁ ବାଟିକା ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ ନିମିତ୍ତ 'ପ୍ରସ୍ତୁତି' ତାଲିମ ଶିବିର ଲଖନପୁର ସର୍କଲ -୩ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟରର ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ହୋଇଯାଇଛି। ଉଦଘାଟନୀ ଦିବସରେ ବିଦ୍ୟାଳୟର ଲକ୍ଷ୍ମଣ ପାଢ଼ୀ ଦୀପ ପ୍ରଜ୍ୱଳନ କରି ତାଲିମ ଶିବିରର ଶୁଭାରମ୍ଭ କରିଥିଲେ। ଉଦଯାପନୀ ଦିବସରେ ସମ୍ମାନିତ ଅତିଥି ଭାବରେ ଚାରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ସେନାପତି , ଫଟା କ୍ଲଷ୍ଟର ସିଆରସିସି ଲଳିତ ପଧାନ ଯୋଗଦାନ କରିଥିଲେ । ଉକ୍ତ ତାଲିମ ଶିବିର ପିପିଲିକାନୀ ସିଆରସିସି ରାଜେଶ ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ସାଧନ କର୍ମୀ ଭାବରେ ଶିକ୍ଷକ ଉମାକାନ୍ତ ନେଟୀ ,ଆଶିଷ ମିଶ୍ର, ବଳରାମ ହଳଦିଆ,ମନୋଜ କୁମାର ବାଗ ଯୋଗଦାନ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମାନପତ୍ର ଦିଆଯାଇଥିଲା। ପରିଶେଷରେ ସିଆରସିସି ରାଜେଶ ସା ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




## ● ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପଦକ୍ଷେପ

# ନିଶାମୁକ୍ତି କେନ୍ଦ୍ରରେ ଭର୍ତ୍ତିହେଲେ ଯୁବକ

**ଝାରସୁଗୁଡ଼ା,୨୭।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପଦକ୍ଷେପ ସ୍ୱରୂପ ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ସୁଲଧିଆପଡ଼ା ସ୍ଥିତ ନିଶା ମୁକ୍ତି କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଥାଉକି, କିଛିଦିନ ପୂର୍ବରୁ ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ କାତିକେଲା ଗ୍ରାମର ଜଣେ ମହିଳାଙ୍କ ସ୍ୱାମୀ ଅତ୍ୟଧିକ ନିଶା ସେବନ କରି ପରିବାର ଲୋକଙ୍କ ସହିତ ଝଗଡ଼ା କରୁଥିବା ଏବଂ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରେଇବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣରେ ଆବେଦନ କରିଥିଲେ। ଏହି ବିଷୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଯେ କୌଣସି ନିଶା ନିବାରଣ କେନ୍ଦ୍ରରେ ଉକ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ଥଇଥାନ ଓ ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଉକ୍ତ ବ୍ୟକ୍ତିଙ୍କୁ ଜିଲ୍ଲା ଖଣିଜ ପାଣ୍ଠି ଓ ଜିଲ୍ଲା ପ୍ରଶାସନ ସହଯୋଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ ଜୀବନ ସେବା ସଂଘ ଦ୍ୱାରା ପରିଚାଳିତ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଆରାଧ୍ୟା




**ଝାରସୁଗୁଡ଼ା, ୨୭।୩(ସମିସ):** 'ଆଇବିଆର୍ ଆଚିଭର୍' ଭାବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲେ ଝାରସୁଗୁଡ଼ା ଜିଲ୍ଲା ସାଗରପାଲି ଗ୍ରାମର କୁନି ଝିଅ ଆରାଧ୍ୟା ଖଣ୍ଡା। ଲଖନପୁର ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ମହେନ୍ଦ୍ର ଖଣ୍ଡା ଓ କେତକୀ ରୋହିଦାସଙ୍କ ଝିଅ ଆରାଧ୍ୟ ନିଜ ବିଚକ୍ଷଣ ଜ୍ଞାନ ବଳରେ ଏଭଳି ସଫଳତା ଅର୍ଜନ କରିଛନ୍ତି। ତାଙ୍କୁ ଏବେ ମାତ୍ର ୨ ବର୍ଷ ୫ ମାସ ହେଉଛି। ସେ ଖୁବ୍ କମ ସମୟ ମଧ୍ୟରେ ଇଂରାଜୀ ନର୍ସରୀର ଏକ ରାଇମ୍ ଗାଇବା, 'ଏରୁ ଏଫ୍' ଅକ୍ଷର ସହିତ ଜଡ଼ିତ ୬ଟି ଇଂରାଜୀ ଶବ୍ଦକୁ ମନେ ପକାଇବା, ସପ୍ତାହର ଦିନଗୁଡ଼ିକର ନାମ, ଗୋଟିଏ ବର୍ଷର ମାସଗୁଡ଼ିକର ନାମ କହିବା, ୫ଟି ଋତୁର ନାମ କହିବା ଏବଂ ଓଡ଼ିଆରେ ୧ ରୁ ୩୦ ପର୍ଯ୍ୟନ୍ତ ଗଣନା କରି ଏହି ସଫଳତା ପାଇଛନ୍ତି। ଯାହାକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚଳିତ ୨୦୨୫ ବର୍ଷର ଗତ ଫେବୃଆରୀ ୧୦ ତାରିଖ ଦିନ ନିଶ୍ଚିତ କରାଯାଇଥିଲା। ଗୁରୁବାର ତାଙ୍କୁ ସ୍ୱୀକୃତି ପତ୍ର, ପଦକ ଓ ପ୍ରମାଣପତ୍ର ଆଦି ପ୍ରଦାନ କରାଯାଇଛି। ଆରାଧ୍ୟାଙ୍କ ସଫଳତା ପରେ ସାଗରପାଲି ଏବଂ ଆଖପାଖ ଅଞ୍ଚଳରେ ଖୁସିର ଲହରୀ ଦେଖାଦେଇଛି।

# ୟୁନିଫାଏଡ୍ ଅଟୋମେସନ ପଦ୍ଧତି ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳା



**ଦେବଗଡ଼, ୨୭।୩(ସମିସ):** ସମଗ୍ରଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ଜିଲ୍ଲାର ତିନୋଟି ବ୍ଲକରେ ସମସ୍ତ କ୍ଲଷ୍ଟର ସିଆରସିସି ଓ ଦୁଇଜଣ ସାଧନ କର୍ମୀମାନଙ୍କୁ ନେଇ ୟୁନିଫାଏଡ ଅଟୋମେସନ ପଦ୍ଧତି ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଆଗାମୀ ଶିକ୍ଷା ବର୍ଷରେ ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ବିଦ୍ୟାଳୟ ପ୍ରୋଫାଇଲ, ଶିକ୍ଷକ ପ୍ରୋଫାଇଲ, ଛାତ୍ର ଛାତ୍ରୀ ପ୍ରୋଫାଇଲ, ଅନଲାଇନ ମାଧ୍ୟମରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଅନଲାଇନ ମନିଟରିଂ ବ୍ୟବସ୍ଥା ସମ୍ବନ୍ଧୀୟ ଧାରଣା ପ୍ରଦାନ କରାଯାଇଥିଲା। ସମଗ୍ର ଶିକ୍ଷା ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରକୋଟ ବ୍ଲକରେ ଅଭୟ ସାହୁ, ସିଆରସିସି କାହ୍ନୁଚରଣ ବେହେରା, ରିଆମାଳ ବ୍ଲକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଯୁକ୍ତା ସାମଲ, ଏମଆଇଏସ ଧିରେନ ବେହେରା, ତିଳେଇବଣି ବ୍ଲକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ଏମଆଇଏସ ସୁମନ ମହାନ୍ତି, ସମଗ୍ର ଶିକ୍ଷା କାର୍ଯ୍ୟାଳୟର କୀର୍ତ୍ତିସୁନ୍ଦର ମହାକୁଳ ପ୍ରମୁଖ କର୍ମଶାଳାରେ ସାଧନ କର୍ମୀ ଦାୟିତ୍ୱ ବହନ କରିଥିଲେ। ଆଗାମୀ ୧ ତାରିଖ ସୁଦ୍ଧା ସମସ୍ତ ପ୍ରଧାନ ଶିକ୍ଷକମାନଙ୍କୁ କ୍ଲଷ୍ଟରସ୍ତରରେ ଉକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।

# ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ



**ଦେବଗଡ଼, ୨୭।୩(ସମିସ):** ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ସନ୍ଧ୍ୟାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଡ଼କ ଦୁର୍ଘଟଣା ରୋକିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ରାସ୍ତା ସମସ୍ୟା, ଟ୍ରାଫିକ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । ଦିନକୁ ଦିନ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଜିଲ୍ଲାରେ ସଡକ ଦୁର୍ଘଟଣା କିଭଳି ରୋକାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ବିଶେଷ କରି ଦୁର୍ଘଟଣା ରୋକିବା ପାଇଁ ଆଞ୍ଚଳିକ ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କଡ଼ା ଚେକିଂ ସହିତ ଟ୍ରାଫିକ ନିୟମ ପାଳନ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଡିଏସପି ପବିତ୍ର କିସାନ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଧନଞ୍ଜୟ ମହାନ୍ତ, ମୋଟର ଯାନ ନିରୀକ୍ଷକ ଶ୍ରୀବସ୍ତ ଦଳେଇ, ଯୋଗାଣ ଅଧିକାରୀ କେଦାର ନାଥ ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସାମ୍ବାଦିକ ସତ୍ୟନାରାୟଣ ମିଶ୍ର ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ା ଜିଲ୍ଲାର ବାର୍ଷିକ ଆଥ୍‌ଲେଟିକ ମିଟ୍ ଆରମ୍ଭ



**ଝାରସୁଗୁଡ଼ା,୨୭।୩(ସମିସ):** ଝାରସୁଗୁଡ଼ା ଓଏସଏପି ଦ୍ୱିତୀୟ ବାଟେଲିୟନ ପରେଡ ଗ୍ରାଉଣ୍ଡରେ ୨୮ ତମ ବାର୍ଷିକ ଆଥଲେଟିକ ମିଟ୍ ଆରମ୍ଭ ହୋଇଛି । ଜିଲ୍ଲା ଆଥଲେଟିକ ଏସୋସିଏସନ ପକ୍ଷରୁ ଆୟୋଜିତ ଏହି ବାର୍ଷିକ ଆଥଲେଟିକ ମିଟକୁ ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଛନ୍ତି । ଏହି ଅବସରରେ କମାଣ୍ଡାଣ୍ଟ ପ୍ରସାଦ ତମାଙ୍ଗ ସମ୍ମାନିତ ଅଥିତି ଭାବରେ ଉପସ୍ଥିତ ଥିଲେ। ଆଜି ପୂର୍ବାହ୍ନ ୧୦ ଟାରେ ଉଦଘାଟିତ ହୋଇଥିବା ଏହି ଆଥଲେଟିକ ମିଟ ଶୁକ୍ରବାର ଉଦଯାପିତ ହେବ । ଏଥିରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଜିଲ୍ଲାର କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ବିଶ୍ୱ ନାଟ୍ୟ ଦିବସରେ ଆଲୋଚନାଚକ୍ର



**ଦେବଗଡ଼, ୨୭।୩(ସମିସ):** ଜିଲ୍ଲାର ଅଗ୍ରଣୀ ନାଟ୍ୟନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନରେ ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ନାଟ୍ୟ ଭୂଷଣ ମାର୍କଣ୍ଡେଶ୍ୱର ଶତପଥୀ ଏବଂ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା ନାଟ୍ୟ ନିର୍ଦ୍ଦେଶକ ଅତୁଲ୍ୟ ପୁଝାରୀ, ଅନୁଷ୍ଠାନର ସମ୍ପାଦକ ସୁଜିତ ପାତ୍ର ପ୍ରମୁଖ ମଞ୍ଚାସିନ ରହି ଆଲୋଚନାର ବିଷୟ ବସ୍ତୁ 'ଏକ ସଫଳ ନାଟକର ଦିଗ' ସମ୍ପର୍କରେ ନିଜନିଜ ମତବ୍ୟକ୍ତ କରିଥିଲେ। ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ଗୁରୁ, ପ୍ରକାଶ ଦେବତା, ସୁଗୁଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ ଦେବତା, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ବରିଷ୍ଠ କିରାଣୀ ପ୍ରଶାନ୍ତ ପ୍ରଧାନ, ଅବନୀ କାନ୍ତ ମିଶ୍ର, ରାକେଶ ଶତପଥୀ, ଅମ୍ଳାଂଶୁ ପୂଝାରୀ, ବିଶାଲ ନାୟକ ପ୍ରମୁଖ ଆଲୋଚନଚକ୍ରରେ ଅଂଶଗ୍ରହଣ କରି ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ସଦସ୍ୟ ଶିବାଶିଷ ଝାଙ୍କର, ଶୁଭମ୍ ମହାଙ୍କୁର, ତେମିୟ ରଞ୍ଜନ ପ୍ରଧାନ, କୁମାରୀ ବିଷ୍ଣୁପ୍ରିୟା ଗଡ଼ାତିଆ ପ୍ରମୁଖ ଉପସ୍ଥିତ ଥିଲେ। ଜନ୍ମାଜୟ ନାୟକ ଆଲୋଚନଚକ୍ରକୁ ପରିଚାଳନା କରିଥିଲେ।

# ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଉଡ଼ାଣ-୨୦୨୫'



**ବନ୍ଧବାହାଲ,୨୭।୩ (ସମିସ):** ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବିଦ୍ୟାଳୟର ବାର୍ଷିକ ଉତ୍ସବ-'ଉଡାଣ ୨୦୨୫' ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଦୀପ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍, ଲଖନପୁର କ୍ଷେତ୍ରର ମହାପ୍ରବନ୍ଧକ ବିରେନ୍ଦ୍ର କୁମାର ସିଂ ଓ ନିଲମ୍ ସିଂ ଏବଂ ଡିଏଭି ପରିବାର ତରଫରୁ ବୁର୍ଲା,ସମ୍ବଲପୁରର ଉପଆଞ୍ଚଳିକ ଅଧିକାରୀ ତଥା ଅଧ୍ୟକ୍ଷା ରଶ୍ମିତା ମିଶ୍ର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଖପାଖ ଡିଏଭି ପବ୍ଲିକ ସ୍କୁଲରୁ ଆସିଥିବା ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା (ଝାରସୁଗୁଡ଼ା), ସୁଶାନ୍ତ ପ୍ରଧାନ ( ଇବ୍ ଭେଲି), ଚିନ୍ମୟ ମହାପାତ୍ର (ସମଲେଶ୍ୱରୀ), ଅନିତା ଭାଗ୍ୟରାଜ (ଆଇଟିପିଏସ୍), ପ୍ରଭାକର ମହାନ୍ତି (ବନହରପାଲି ହାଇସ୍କୁଲ) ଯୋଗଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀଯୁକ୍ତ ହୋତା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ତତ୍ ସଙ୍ଗେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୂର୍ବବର୍ଷ ବାର୍ଷିକ ପରୀକ୍ଷାରେ ଶତକଡ଼ା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପଆଞ୍ଚଳିକ ଅଧିକାରୀ ଶ୍ରୀମତୀ ମିଶ୍ର ନିଜ ବକ୍ତବ୍ୟରେ ବିଦ୍ୟାଳୟର ଅଗ୍ରଣୀ ଭୂମିକାର ପ୍ରଶଂସା ପୂର୍ବକ ଛାତ୍ରଛାତ୍ରୀ ଶିକ୍ଷା ସାଙ୍ଗକୁ କଳା ଓ ସଂସ୍କୃତି କ୍ଷେତ୍ରରେ ମଧ୍ୟ ପାରଦର୍ଶିତା ଲାଭକରିବା ପାଇଁ ଆହ୍ୱାନ ଦେଇଥିଲେ। ଏହାପରେ ଆଞ୍ଚଳିକ କ୍ଷେତ୍ର ପ୍ରବନ୍ଧକ ଶ୍ରୀଯୁକ୍ତ ସିଂ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମଞ୍ଚ ଉପରେ କରାଯାଇଥିବା ସୁନ୍ଦର ଚିତ୍ରକଳାର ପ୍ରଶଂସା କରିଥିଲେ । ଦୁଇ ଅଧିକାରୀଙ୍କ ବକ୍ତବ୍ୟ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଙ୍ଗୀନ୍ ଆଲୋକମାଳା ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିବାରେ ସହାୟ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଅଭିଭାବକ, ଏମସିଏଲ୍ ଅଧିକାରୀ ଓ କର୍ମକର୍ତ୍ତା, ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା, ସ୍ଥାନୀୟ ବିଦ୍ୟାଳୟଗୁଡ଼ିକର ଶିକ୍ଷକ ଶିକ୍ଷୟିତ୍ରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଶାଖା ପରିଚାଳକ, ବୁଦ୍ଧିଜୀବୀ, କଳାପ୍ରେମୀ ତଥା ଗଣମାଧ୍ୟମ ପ୍ରତିନିଧି ଯୋଗଦାନ କରିଥିବା ବେଳେ ସ୍ଥାନୀୟ ପୁଲିସ ପ୍ରଶାସନ ତରଫରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା । ଏହାଛଡ଼ା ବିଦ୍ୟାଳୟର ଏନସିସି, ସ୍କାଉଟ୍ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ଅଂଶଗ୍ରହଣ କରି ବାର୍ଷିକ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

ଆଇପିଏଲ୍-୧୮ | ଶାର୍ଦ୍ଦୁଳଙ୍କ ଘାତକ ବୋଲିଂ, ପୂରନଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ହାଇଦରାବାଦ୍‌କୁ ହରାଇଲା ଲକ୍ଷ୍ନୌ

ହାଇଦରାବାଦ୍,୨୭ ।୩(ଏଜେନ୍ସି)




ଶାର୍ଦ୍ଦୁଳ ଠାକୁର ଘାତକ ବୋଲିଂ ଓ ନିକୋଲସ ପୂରନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୭ମ ଲିଗ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ୫ ୱିକେଟରେ ସନରାଇଜର୍ସ ହାଇଦରାବାଦ୍‌କୁ ପରାସ୍ତ କରିଛି । ଏହା ଫଳରେ ଦଳ ୨ଟି ମ୍ୟାଚ୍‌ରୁ ପ୍ରଥମ ବିଜୟ ହାସଲ କରିଛି । ଏହି ମ୍ୟାଚ୍‌ରେ ଶାର୍ଦ୍ଦୁଳ ଠାକୁର ୩୪ ରନ୍‌ରେ ୪ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ୯ ୱିକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା । ଜବାବରେ ୧୯୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ୧୬.୧ ଓଭରରେ ୫ ୱିକେଟରେ ୧୯୩ ରନ୍ କରି ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଦଳ ପକ୍ଷରୁ ୧୮ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ପୂରନ ୨୬ ବଲ୍ ଖେଳି ୬ଟି ଲେଖାଏଁ ଚୌକା ଓ ଛକା ସହ ସର୍ବାଧିକ ୭୦ ରନ୍ କରିଥିଲେ । ଇମ୍ପାକ୍ଟ ଖେଳାଳିଭାବେ ଆସିଥିବା ମିଚେଲ ମାର୍ଶ ୩୧ ବଲ୍‌ରୁ ୭ ଚୌକା ଓ ୨ ଛକା ସହ ୫୨ ଏବଂ ଅବଦୁଲ ସମଦ ୮ ବଲ୍‌ରୁ ୨ଟି ଲେଖାଏଁ ଚୌକା ଓ ଛକା ସହ ଅପରାଜିତ ୨୨ ରନ୍ କରି ଦଳକୁ ଜିତାଇଥିଲେ । ଅଧିନାୟକ ଋଷଭ ପନ୍ତ୍ ୧୫ ଓ ଆଇଡେନ ମାର୍କରାମ ୧ ରନ୍‌ରେ ଆଉଟ ହୋଇଥିଲେ ।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ନିୟମିତ ଅନ୍ତରରେ ୱିକେଟମାନ ହରାଇଥିଲା । ଫଳରେ ଦଳ ବିଶାଳ ସ୍କୋର କରିପାରି ନ ଥିଲା । ୧୫ ରନରେ ଦୁଇ ତାରକା ଖେଳାଳି ଅଭିଷେକ ଶର୍ମା ୬ ଓ ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିଥିବା ଇଶାନ କିଶାନ ଖାତା ଖୋଲିବା ପୂର୍ବରୁ ଶାର୍ଦ୍ଦୁଳ ଠାକୁରଙ୍କ ଦ୍ୱାରା ଆଉଟ ହୋଇଥିଲେ । ଓପନର ଟ୍ରାଭିସ୍ ହେଡ୍ ୨୮ ବଲରୁ ୫ ଚୌକା ଓ ୩ ଛକା ସହ ୪୭ ରନର ପାଳି ଖେଳିଥିଲେ ମଧ୍ୟ ଅର୍ଦ୍ଧଶତକ ହାସଲ କରିପାରି ନଥିଲେ । ହେନରିକ୍ କ୍ଲାସେନ ୧୭ ବଲରୁ ୨୬, ନୀତୀଶ କୁମାର ରେଡ୍ଡୀ ୨୮ ବଲରୁ ୩୨ ରନ୍ କରିଥିଲେ । ଅନିକେତ ବର୍ମା ୧୩ ବଲରୁ ୫ଟି ଛକା ସହ ୩୬ ଓ ଅଧିନାୟକ ପ୍ୟାଟ କମିନ୍ସ ୪ଟି ବଲରୁ ୩ଟି ଛକାମାରି ୧୮ ରନ ସଂଗ୍ରହ କରିଥିଲେ । ଶାର୍ଦ୍ଦୁଳ ୩୪ ରନରେ ମୂଲ୍ୟବାନ ୪ ୱିକେଟ ନେଇଥିଲେ ।

### ସଂକ୍ଷିପ୍ତ ସ୍କୋର

**ସନରାଇଜର୍ସ ହାଇଦରାବାଦ୍ : ୧୯୦/ ୯ ,୨୦ ଓଭର**

(ହେଡ୍-୪୭, ଅନିକେତ- ୩୬, ନୀତୀଶ- ୩୨, କ୍ଲାସେନ- ୨୬, କମିନ୍ସ- ୧୮ , ହର୍ଶାଲ-୧୨*, ଶାର୍ଦ୍ଦୁଳ- ୪/୩୪)

**ଲକ୍ଷ୍ନୌ ସୁପର ଜାଏଣ୍ଟସ୍ :୧୯୩/ ୫,୧୬.୧ ଓଭର**

(ନିକୋଲସ୍ ପୁରନ୍-୭୦, ମିଚେଲ୍ ମାର୍ଶ-୫୨, ରିଷଭ ପନ୍ଥ- ୧୫, ସମଦ-୨୨*, କମିନ୍ସ-୨/୨୯, ସାମି-୧/୩୭)

### ଆଇପିଏଲ୍‌ରେ ଆଜି

ଚେନ୍ନାଇ ବନାମ ବେଙ୍ଗାଲୁରୁ

ଚେନ୍ନଇ / ରାତି ୭.୩୦ | ଷ୍ଟାର ସ୍ପୋର୍ଟ୍‌ସ / ଜିଓ ହଟଷ୍ଟାର

## ଶୀତକାଳୀନ ଅଲିମ୍ପିକ୍ସକୁ ଆରିଫ୍‌ଙ୍କ ଯୋଗ୍ୟତା

ନୂଆଦିଲ୍ଲୀ,୨୭।୩ (ଏଜେନ୍ସି): ୨୦୨୨ ବେଜିଂ ଶୀତକାଳୀନ ଅଲିମ୍ପିକ୍ କ୍ରୀଡ଼ାରେ ଭାଗ ନେଇଥିବା ଏକମାତ୍ର ପ୍ରତିଯୋଗୀ ଭାରତର ଆଲପାଇନ୍ ସ୍କାୟର ଆରିଫ ମହମ୍ମଦ୍ ଖାନ୍ ୨୦୨୬ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ମିଲାନୋ କୋର୍ଟିନାରେ ଶୀତକାଳୀନ ଅଲିମ୍ପିକ୍ସ ଅନୁଷ୍ଠିତ ହେବ ଓ ଆରିଫ୍ ସ୍ଲାଲୋମ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ । ଜାମ୍ମୁ-କଶ୍ମୀରର ଏହି ଆଥ୍‌ଲେଟ ଦ୍ୱିତୀୟଥର ଲାଗି ଶୀତକାଳୀନ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । ୩୫ ବର୍ଷୀୟ ଏହି ଆଥ୍‌ଲେଟ୍ ପଏଣ୍ଟ ଭିତ୍ତିରେ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି । ଗତ କିଛିବର୍ଷ ଧରି ସେ ଭାରତରୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଏକମାତ୍ର ପ୍ରତିଯୋଗୀଭାବେ ଅଂଶଗ୍ରହଣ କରିଆସୁଛନ୍ତି ।


## ଆହତ ଲାଥମ୍‌ଙ୍କ ସ୍ଥାନରେ ବ୍ରେସ୍‌ୱେଲ ଅଧିନାୟକ

ଅକ୍‌ଲାଣ୍ଡ, ୨୭।୩ (ଏଜେନ୍ସି): ପାକିସ୍ତାନକୁ ୪-୧ ବ୍ୟବଧାନରେ ପରାସ୍ତ କରି ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଜିତିଥିବା ନ୍ୟୁଜିଲାଣ୍ଡର ନିୟମିତ ଅଧିନାୟକ ଟମ୍ ଲାଥମ ଆହତ ଥିବାରୁ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି । ତାଙ୍କ ସ୍ଥାନରେ ଟି-୨୦ ସିରିଜ୍‌ରେ ଦଳର ନେତୃତ୍ୱ ନେଇଥିବା ମାଇକେଲ ବ୍ରେସ୍‌ୱେଲଙ୍କୁ ଦିନିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡର ନେତୃତ୍ୱ ନେବାକୁ ମନୋନୀତ କରାଯାଇଛି । ତାଙ୍କ ସ୍ଥାନରେ ହେନରୀ ନିକୋଲସ୍‌ଙ୍କୁ ଦଳରେ ସାମିଲ କରାଯାଇଛି ଓ ମିଚ୍ ହେ' ୱିକେଟକିପିଂ କରିବେ ବୋଲି ଜଣାଯାଇଛି । ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ମାର୍ଚ୍ଚ ୨୯ ରୁ ଆରମ୍ଭ ହେବ । ଏହି ସିରିଜ୍‌ର ଅନ୍ୟ ଦୁଇଟି ମ୍ୟାଚ୍ ଏପ୍ରିଲ ୨ ଓ ୬ରେ ଖେଳାଯିବ ।

■ ଖେଲୋ ଇଣ୍ଡିଆ ପାରା ଗେମ୍ସ

## ଗୌତମ, ଉଦୟଙ୍କୁ କାଂସ୍ୟ





ଭୁବନେଶ୍ୱର, ୨୭।୩ (ସମିସ): ଓଡ଼ିଶାର ଗୌତମ ସିଂ ଓ ଉଦୟ ଶଙ୍କର ରାଉତ ନୂଆଦିଲ୍ଲୀରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । ପାରା ଟେବଲ ଟେନିସରେ ଏହା ରାଜ୍ୟ ଲାଗି ପ୍ରଥମ ପଦକ ହୋଇଥିବାରୁ ସେ ଇତିହାସ ସୃଷ୍ଟି କରିଛନ୍ତି । ଆଜି ଅନୁଷ୍ଠିତ ପାରା ଟିଟି ସେମିଫାଇନାଲରେ ତାମିଲନାଡୁର ଅବିନାଶ ଗୋପୀନାଥଙ୍କଠାରୁ ୩-୦ରେ ହାରିଯାଇଥିଲେ । ଏହା ଫଳରେ ତାଙ୍କୁ କାଂସ୍ୟ ପଦକ ମିଳିଥିଲା । ଗୋପୀନାଥ ସ୍ୱର୍ଣ୍ଣ ଓ ହରିୟାଣାର ଲକଶ୍ୟ ଗୁପ୍ତା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ସେହିପରି କ୍ଲାସ୍-୬ କାଟେଗୋରୀର ସେମିଫାଇନାଲରେ ପରାଜିତ ହୋଇ ଉଦୟ ରାଜ୍ୟ ଲାଗି ଦ୍ୱିତୀୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି । ଗୁରୁବାର ଖେଲୋ ଇଣ୍ଡିଆ ପାରା ଗେମ୍ସ ଉଦ୍‌ଯାପିତ ହୋଇଯାଇଛି ।

■ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ଭାରତୀୟ ତୀରନ୍ଦାଜୀ ଦଳରେ କିଟ୍‌ର ଆଦିତି



ଭୁବନେଶ୍ୱର, ୨୭ ।୩ (ସମିସ): ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୩୨ତମ ସଂସ୍କରଣ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଜର୍ମାନୀରେ ଅନୁଷ୍ଠିତ ହେବ । ଏଥିଲାଗି ଭାରତୀୟ ତୀରନ୍ଦାଜୀ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ଆଦିତି ଜୟସ୍ୱାଲ ସ୍ଥାନ ପାଇଛନ୍ତି । ଆଦିତି ମହିଳା ରିକର୍ଭ ବର୍ଗରେ ଅଂଶଗ୍ରହଣ କରିବା ଲାଗି ମନୋନୀତ ହୋଇଛନ୍ତି । ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ତୀରନ୍ଦାଜ ଆଦିତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରକାଶଯୋଗ୍ୟ, ଭାରତୀୟ ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ ଦଳର ଚୟନ ଶିବିର ମଙ୍ଗଳବାରଠାରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିଲା । ଏହି ୩ ଦିନିଆ ଚୟନ ଶିବିରରେ ଦେଶର ୧୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ପାଖାପାଖି ୩୦୦ ପୁରୁଷ ଓ ମହିଳା ତୀରନ୍ଦାଜ ଅଂଶଗ୍ରହଣ କରିଥିଲେ । ମନୋନୀତ ହୋଇଥିବା ଭାରତୀୟ ବିଶ୍ୱବିଦ୍ୟାଳୟ ତୀରନ୍ଦାଜୀ ଟିମକୁ ନେଇ ଜୁନ ୨୦ରୁ ମଧ୍ୟ କିଟ୍‌ରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ ।


■ ଏଆଇଏଫ୍‌ଏଫ୍ ୟୁଥ୍ ଲିଗ୍

## ଫାଓ ଏକାଡେମୀ, ଓଡ଼ିଶା ଏଫ୍‌ସି ପରାସ୍ତ

ଭୁବନେଶ୍ୱର, ୨୭ ।୩ (ସମିସ): ଏଆଇଏଫ୍‌ଏଫ୍ ଇଣ୍ଡିଆ ୟୁଥ୍ ଲିଗ୍‌ରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଦୁଇ ଦଳ ଫାଓ ଏକାଡେମୀ ଓ ଓଡ଼ିଶା ଏଫ୍‌ସି ପରାଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ପଶ୍ଚିମବଙ୍ଗର କଲନାରେ ଚାଲିଥିବା ଏହି ଉପକନିଷ୍ଠସ୍ତରୀୟ ଲିଗ୍‌ରେ ଗୁରୁବାର ଫାଓ ଏକାଡେମୀ ୨-୫ ଗୋଲ୍‌ରେ ଜାମସେଦପୁର ଏଫ୍‌ସି ନିକଟରୁ ପରାସ୍ତ ହୋଇଛି । ସେହିଭଳି ଅନ୍ୟ ଏକ ମ୍ୟାଚରେ ତାମିଲନାଡୁଭିତ୍ତିକ ଦଳ ସେଥୁ ଏଫ୍‌ସି ୩-୧ ଗୋଲ୍‌ରେ ଓଡ଼ିଶା ଏଫ୍‌ସିକୁ ହରାଇଦେଇଛି ।

## ଜାତୀୟ ରେଫରୀ ପରୀକ୍ଷାରେ ରୀନା, ବାଲମତୀଙ୍କ ସଫଳତା





ଭୁବନେଶ୍ୱର, ୨୭ ।୩ (ସମିସ): ଓଡ଼ିଶାର ଦୁଇ ମହିଳା ଫୁଟ୍‌ବଲ ରେଫରୀ ସୁନ୍ଦରଗଡ଼ର ରୀନା ତିର୍କୀ ଓ ବାଲମତୀ ଓରାମ ଜାତୀୟ ରେଫରୀ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି । ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ଆନୁକୂଲ୍ୟରେ ଗତ ୨୨ ଓ ୨୩ ତାରିଖ ଦୁଇଦିନ ଧରି ଗ୍ୱାଲିୟରରେ ଅନୁଷ୍ଠିତ ଉଭୟ ଶାରୀରିକ ସୁସ୍ଥତା ଓ ଲିଖିତ ପରୀକ୍ଷାରେ ଉଭୟ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ଏବେ ରୀନା ଓ ବାଲମତୀ ସମ୍ପୂର୍ଣ୍ଣ ଜାତୀୟ ରେଫରୀ ପରୀକ୍ଷାରେ କୃତକାର୍ଯ୍ୟ ହେବା ଲାଗି ପ୍ରାକ୍ଟିକାଲ ଓ ମୌଖିକ ପରୀକ୍ଷାରେ ଅଂଶଗ୍ରହଣ କରିବେ । ଏହି ଅବସରରେ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା ଉଭୟ ରୀନା ଓ ବାଲମତୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ମେସିଙ୍କ ବିନା ଜିତିଲା ଆର୍ଜେଣ୍ଟିନା

ବୁଏନସ ଆଇରିସ୍, ୨୭।୩ (ଏଜେନ୍ସି): ଆହତ ଲିଓନେଲ ମେସିଙ୍କ ଅନୁପସ୍ଥିତିରେ ଆର୍ଜେଣ୍ଟିନା ୪-୧ ଗୋଲରେ ବ୍ରାଜିଲକୁ ପରାସ୍ତ କରି ୨୦୨୬ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିଛି । ଏହି ମ୍ୟାଚ୍‌ରେ ମେସି ଖେଳୁ ନ ଥିଲେ । ସେଥିଲାଗି ସେମାନଙ୍କ ସାଥି ଖେଳାଳିଙ୍କ ଚିନ୍ତା ନାହିଁ । କିନ୍ତୁ ସେ ୨୦୨୬ ବିଶ୍ୱକପ୍ ଖେଳିବେ କି ନାହିଁ ତାହାକୁ ନେଇ ସମସ୍ତେ ଚିନ୍ତାରେ ଅଛନ୍ତି । ହେଡ୍ କୋଚ୍ ଲିଓନେଲ ସ୍କାଲାନିଙ୍କ ମତରେ ବିଶ୍ୱକପ୍ ଅନେକ ସମୟ ବାକି ରହିଛି । ଏହା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହୋଇପାରେ । ୩୭ ବର୍ଷୀୟ ମେସି ନିଜ ଭବିଷ୍ୟତ ସମ୍ପର୍କରେ ନିଜେ ନିଷ୍ପତ୍ତି ନେବେ । ଏଣୁ ତାଙ୍କ ସମ୍ପର୍କରେ ଆମେ ଏତେ ସମୟ ଚିନ୍ତା କରୁନାହୁଁ ବୋଲି ସ୍କାଲାନି କହନ୍ତି । ଗତକାଲି ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା ପକ୍ଷରୁ ଜୁଲିଆନ ଆଲଭାରେଜ୍, ଏଞ୍ଜୋ ଫର୍ଣ୍ଣାଣ୍ଡେଜ୍, ଆଲେକ୍ସିସ୍ ମାକ୍ ଆଲିଷ୍ଟର ଓ ଗୁଲିଆନୋ ସିମୋନ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । କିନ୍ତୁ ମେସି ଖେଳୁଥିଲେ ଏହି ସଂଖ୍ୟା ନିଶ୍ଚିତ ଅଧିକ ହୋଇଥାନ୍ତା ବୋଲି ଆଲଭାରେଜ୍ କହିଛନ୍ତି ।

■ ଜାତୀୟ ମହିଳା ହକି ଲିଗ୍

## ଓଡ଼ିଶା-ହରିୟାଣା ଫାଇନାଲ ଆଜି

ଭୁବନେଶ୍ୱର, ୨୭ ।୩ (ସମିସ): ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂହ ହକି ଷ୍ଟାଡିୟମରେ ଚାଲିଥିବା ଜାତୀୟ ମହିଳା ହକି ଲିଗ୍ (୨୧ ବର୍ଷରୁ କମ୍)ର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି । ଶୁକ୍ରବାର ଦୁଇ ଶକ୍ତିଶାଳୀ ଦଳ ଓଡ଼ିଶା ଓ ହରିୟାଣା ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ । ଫାଇନାଲ ଫେଜ୍‌ରେ ଓଡ଼ିଶା ଏହାର ଅନ୍ତିମ ଲିଗ୍ ମ୍ୟାଚରେ ଝାଡ଼ଖଣ୍ଡଠାରୁ ୨-୦ ଗୋଲରେ ପରାଜୟବରଣ କରିଥିଲେ ମଧ୍ୟ ଶୀର୍ଷ-୨ ଦଳ ମଧ୍ୟରେ ରହି ଫାଇନାଲରେ ସ୍ଥାନ ପକ୍କା କରିଥିଲା । ଓଡ଼ିଶା ୭ ମ୍ୟାଚ୍ ଖେଳି ୪ ବିଜୟ, ୨ ପରାଜୟ ଓ ଗୋଟିଏ ସୁଟ୍ ଆଉଟ୍ ବିଜୟ ସହ ୧୫ ପଏଣ୍ଟ ପାଇଛି । ସେହିଭଳି ହରିୟାଣା ସମାନ ୭ ମ୍ୟାଚରୁ ୧୫ ପଏଣ୍ଟ ପାଇ ଉନ୍ନତ ଗୋଲ୍ ଦୃଷ୍ଟିରୁ ଶୀର୍ଷ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛି । ଅପରପକ୍ଷରେ ଝାଡ଼ଖଣ୍ଡ, ମିଜୋରାମ ଓ ମଧ୍ୟପ୍ରଦେଶ ୧୨ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୩ଟି ସ୍ଥାନରେ ରହିଛନ୍ତି । ତେଣୁ ଶୁକ୍ରବାର କାଂସ୍ୟପଦକ ଲାଗି ଝାଡ଼ଖଣ୍ଡ ଓ ମିଜୋରାମ ଧରେ ଲଢ଼େଇ ହେବ ।

● ଏଏଫ୍‌ସି ମହିଳା ଏସିଆନ୍ କପ୍ କ୍ୱାଲିଫାୟର୍ସ

## ମଙ୍ଗୋଲିଆ ବିପକ୍ଷରୁ ଭାରତର ଅଭିଯାନ ଜୁନ୍ ୨୩ରେ

ନୂଆଦିଲ୍ଲୀ,୨୭ ।୩(ଏଜେନ୍ସି): ଆଗାମ ଏଏଫ୍‌ସି ଏସିଆନ୍‌କପ୍ କ୍ୱାଲିଫାୟର୍ସରେ ଭାରତୀୟ ସିନିଅର ମହିଳା ଫୁଟବଲ ଦଳ ଏଥର ଗ୍ରୁପ୍ ବି'ରେ ସାମିଲ ହୋଇଛି । ଭାରତ ଗ୍ରୁପ୍ ବି'ରେ ଥାଇଲାଣ୍ଡ, ମଙ୍ଗୋଲିଆ, ଇରାକ ଓ ତିମୋର ଲେଷ୍ଟ ବିପକ୍ଷରେ ମ୍ୟାଚ୍ ଖେଳିବ । ମାଲେସିଆର କ୍ୱାଲାଲମ୍ପୁରରେ ଡ୍ର ଘୋଷଣା କରାଯାଇଛି । ଥାଇଲାଣ୍ଡର ଚଆଙ୍ଗ ମାଇରେ ଜୁନ୍ ୨୩ରୁ ଜୁଲାଇ ୫ ମଧ୍ୟରେ ଗ୍ରୁପ ବି'ର ସବୁ ମ୍ୟାଚ୍‌ଗୁଡିକ ଖେଳାଯିବ । ଗ୍ରୁପ୍ ଚାମ୍ପିଅନ ଫାଇନାଲ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ । ମୁଖ୍ୟ ଟୁର୍ଣ୍ଣାମେଣ୍ଟ ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ମାର୍ଚ୍ଚ ୧ରୁ ୨୬ ତାରିଖ ମଧ୍ୟରେ ଖେଳାଯିବ । ମାର୍ଚ୍ଚରେ ୬ରେ ପ୍ରକାଶିତ ଫିଫା ର୍‌ୟାଙ୍କିଙ୍ଗକୁ ଭିତ୍ତିକରି ଦଳଗୁଡିକୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଗ୍ରୁପ୍ ଏ ଓ ବି'ରେ ୫ଟି ଲେଖାଏ ଦଳ ସାମିଲ ହୋଇଥିବା ବେଳେ ବାକି ୬ଟି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସାମିଲ ହୋଇଛନ୍ତି । ମୁଖ୍ୟ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ୬ଟି ଦଳ ୨୦୨୭ରେ ବ୍ରାଜିଲରେ ଆୟୋଜନ ହେବାକୁ ଥିବା ଫିଫା ମହିଳା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ । ଭାରତ ଜୁନ୍ ୨୩ରେ ମଙ୍ଗୋଲିଆ, ୨୯ରେ ଆୟୋଜକ ତିମୋର- ଲେଷ୍ଟ, ଜୁଲାଇ ୨ରେ ଇରାକ ଓ ୫ରେ ଆୟୋଜକ ଥାଇଲାଣ୍ଡକୁ ଭେଟିବ ।

## ଖେଲୋ ଇଣ୍ଡିଆ ପାରା ଗେମ୍ସ ଉଦ୍‌ଯାପିତ

ନୂଆଦିଲ୍ଲୀ,୨୭ ।୩(ଏଜେନ୍ସି): ନୂଆଦିଲ୍ଲୀରେ ମାର୍ଚ୍ଚ ୨୦ରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସ ଗୁରୁବାର ଉଦ୍‌ଯାପିତ ହୋଇଛି । ସପ୍ତାହବ୍ୟାପୀ ଅନୁଷ୍ଠିତ ଏହି ଇଭେଣ୍ଟରେ ହରିୟାଣା ୩୪ ସ୍ୱର୍ଣ୍ଣ, ୩୯ ରୌପ୍ୟ ଓ ୩୧ କାଂସ୍ୟ ସହ ମୋଟ ୧୦୪ ପଦକ ପାଇ ତାଲିକାର ଶୀର୍ଷରେ ରହିଛି । ତାମିଲନାଡୁ ୨୮ ସ୍ୱର୍ଣ୍ଣ, ୧୯ ରୌପ୍ୟ, ୨୭ କାଂସ୍ୟ ସହ ୭୪ ପଦକ ପାଇ ଦ୍ୱିତୀୟ ଓ ଉତ୍ତରପ୍ରଦେଶ ୨୩ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୨୦ କାଂସ୍ୟ ସହ ୬୪ ପଦକ ହାସଲ କରି ତୃତୀୟ ସ୍ଥାନରେ ରହିଛି । ଓଡ଼ିଶା ୨ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୮ଟି କାଂସ୍ୟ ସହ ମୋଟ ୧୨ ପଦକ ହାସଲ କରି ତାଲିକାରେ ୧୬ଶ ସ୍ଥାନରେ ରହି ଅଭିଯାନ ଶେଷ କରିଛି । ଏଥର ୧୮ଟି ପାରା ଜାତୀୟ ରେକର୍ଡ ସୃଷ୍ଟି ହୋଇଛି । ଦେଶର ବିଭିନ୍ନ ରାଜ୍ୟ ଓ ଅଞ୍ଚଳରୁ ୧,୩୦୦ ପାରା ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ ।

## ପ୍ରଭାତ ସ୍ମାରକୀ କ୍ରିକେଟ: ସେମିରେ ତମାଣ୍ଡୋ-ଗଙ୍ଗପଡ଼ା

ଭୁବନେଶ୍ୱର, ୨୭।୩ (ସମିସ): ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ଓ ଗଙ୍ଗପଡ଼ା କ୍ରିକେଟ ଟିମ୍ ମଧ୍ୟରେ ଏଠାରେ ଚାଲିଥିବା ପ୍ରଭାତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଆସନ୍ତାକାଲି ବା ଶୁକ୍ରବାର ଖେଳାଯିବ । ଗୁରୁବାର ଅନୁଷ୍ଠିତ ଶେଷ କ୍ୱାର୍ଟର ଫାଇନାଲରେ ତମାଣ୍ଡୋ ୪୩ ରନ୍‌ରେ ମେଣ୍ଢାଶାଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା । ଏଥିରେ ପ୍ରଥମେ ବ୍ୟାଟିଂ କରି ତମାଣ୍ଡୋ ୮ ୱିକେଟରେ ୨୨୨ ରନ୍ କରିଥିଲାବେଳେ ମେଣ୍ଢାଶାଳ ସମାନ ସଂଖ୍ୟକ ଓଭର ଖେଳି ୯ ୱିକେଟରେ ୧୭୯ ରନ୍ କରିଥିଲା । ତମାଣ୍ଡୋ ଇନିଂସରେ ମାତ୍ର ୪୫ ବଲ୍‌ରୁ




୫ ଚୌକା ଓ ୬ ଛକା ସହ ୮୦ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ପ୍ରୀତମ ଜେନାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଅତିଥି ରବିନାରାୟଣ ଧଳ ପ୍ରଦାନ କରିଥିଲେ । ତମାଣ୍ଡୋର ଅନ୍ୟ ଖେଳାଳିଙ୍କ ମଧ୍ୟରେ ସିପୁନ ପଟ୍ଟନାୟକ ୪୯, ପଙ୍କଜ ଜେନା ୩୪ ରନ୍ କରିଥିଲାବେଳେ ଦୀପକ ବେହେରା ୩ଟି ଓ ସିପୁନ ୨ଟି ୱିକେଟ ପାଇଥିଲେ । ମେଣ୍ଢାଶାଳର ସ୍ୱାଧିନ ପାଇକରାୟ ସର୍ବାଧିକ ୪୯ ରନ୍ କରିଥିଲାବେଳେ ସୁକାନ୍ତ ପାତ୍ର ୩ଟି ୱିକେଟ ପାଇଥିଲେ । ଅମ୍ପାୟର କମଲଲୋଚନା ଜେନା ଓ ଅକ୍ଷୟ କୁମାର ସ୍ୱାଇଁ ଖେଳ ପରିଚାଳନା କରିଥିଲେ ।

## ପିଟର ଲେଭରଙ୍କ ପରଲୋକ

ଲଣ୍ଡନ, ୨୭ ।୩ (ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଦ୍ରୁତ ବୋଲର୍ ପିଟର୍ ଲେଭର୍‌ଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଛି । ସେ ଇଂଲଣ୍ଡ ପାଇଁ ୧୭ ଟେଷ୍ଟ ଓ ୧୦ ଏକଦିବସୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୪୧ ଓ ୧୧ଟି ୱିକେଟ୍ ନେଇଥିଲେ । ୧୯୭୧ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ବିଶ୍ୱର ପ୍ରଥମ ଏକଦିବସୀୟ ମ୍ୟାଚରେ ସେ ଖେଳିବାର ସୁଯୋଗ ପାଇଥିଲେ ।

## ଜାତୀୟ ଉପକନିଷ୍ଠ ଅସିଚାଳନା ଉଦ୍‌ଘାଟିତ




କଟକ, ୨୭।୩ (ସମିସ): ଜବାହାରଲାଲ ଇଣ୍ଡୋର ଷ୍ଟାଡିୟମ୍‌ରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଜାତୀୟ ଉପକନିଷ୍ଠ (ସବ୍‌ଜୁନିୟର) ଅସିଚାଳନା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି । ଗୁରୁବାର ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୪ ଦିନ ଧରି ଚାଲିବ । ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ, ଓଡ଼ିଶା ରାଜ୍ୟ ଅସିଚାଳନା ସଂଘର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି । ଏଥିରେ କେବଳ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି । ୨୮ଟି ରାଜ୍ୟରୁ ୭୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି । ଓଡ଼ିଶାରୁ ୧୨ ଜଣ ଲେଖାଏଁ ବାଳିକା ଓ ବାଳକ ଭାଗ ନେଇଛନ୍ତି । ପୂର୍ବରୁ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ବିଭାଗର ଓଏସ୍‌ଡି ଧୀରଜ ପଟ୍ଟନାୟକ, କଟକ ଜିଲ୍ଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଓଡ଼ିଶା ଅସିଚାଳନା ସମ୍ପାଦକ ଦେବେନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ଉପସଭାପତି ରମେଶ ଚନ୍ଦ୍ର ମଲିକ ଓ କୋଷାଧ୍ୟକ୍ଷ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ସେଠୀ, କରିସ୍ମା ରାଉତ. ଅନ୍ୱେଶା ରାଉତ, ଅନୁସୂୟା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

### କଳାହାଣ୍ଡି କପ୍ କ୍ରିକେଟ


## ବଲାଙ୍ଗିର, ମାଲକାନଗିରି, ଭଦ୍ରକର ବିଜୟ

କଟକ, ୨୭।୩ (ସମିସ)


ନୌତମ ଭଞ୍ଜ: ୫/୨୦


ଅଭିନବ ନନ୍ଦ: ୫/୨୨


ଅଙ୍କିତ ଜୟସ୍ୱାଲ: ୫/୨୦


ନାକା ଦୀପକ ରାଜ : ୫/୧୬

କଳାହାଣ୍ଡି କପ୍ ଆନ୍ତଃଜିଲ୍ଲା ସିନିୟର କଳାହାଣ୍ଡି କପର ଦ୍ୱିତୀୟ ପର୍ଯ୍ୟାୟ ଆଜି ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ଗ୍ରୁପ୍- ଡି, ଇ ଓ ଏଫ୍'ରେ ସ୍ଥାନ ପାଇଥିବା ଦଳଗୁଡିକ ମଧ୍ୟରେ ମ୍ୟାଚ୍ ଆୟୋଜିତ ହୋଇଛି । ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ବଲାଙ୍ଗିର ମାତ୍ର ୩ ରନରେ ପୁରୀକୁ ପରାସ୍ତ କରିଛି । ଗୌରବ କୁମ୍ଭାର ୬୦ ରନ୍ ଓ ଓମ୍‌କାର ମହାନ୍ତି ୩ ୱିକେଟ ନେଇ ଦଳକୁ ଜିତାଇଛନ୍ତି । ସେହିପରି ସୋନପୁର ମଧ୍ୟ ଚମତ୍କାର ପ୍ରଦର୍ଶନ କରି ୩ ୱିକେଟରେ କେନ୍ଦ୍ରାପଡ଼ାକୁ ହରାଇଛି । ଅନ୍ୟ ମ୍ୟାଚ୍‌ରେ ଭଦ୍ରକ ୮ ୱିକେଟରେ କିଟ୍‌କୁ ପରାଜିତ କରିଛି । ଭଦ୍ରକର ସାହିଲ ଖାନ୍ ଅପରାଜିତ ୬୦ ଓ କ୍ରିଷ୍ଣାମନୋହର ମହାନ୍ତି ୪ ୱିକେଟ ପାଇଛନ୍ତି । ନୌତମ ଭଞ୍ଜଙ୍କ ୫ ୱିକେଟ ବଳରେ ବାଲେଶ୍ୱର ୫୭ ରନ୍‌ରେ ବରଗଡ଼କୁ ପରାସ୍ତ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ ନାକା ଦୀପକ ରାଜ ୧୬ ରନ୍‌ରେ ୫ ୱିକେଟ ଓ ଦିନେଶ ହାଲ୍‌ବାଙ୍କ ୫୬ ରନ୍ ସହାୟତାରେ ମାଲକାନଗିରି ୩୪ ରନ୍‌ରେ ସମ୍ବଲପୁର-ଏ'କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛି । କିନ୍ତୁ ଅନ୍ୟ ଶୀର୍ଷଦଳଗୁଡିକ ବିଜୟୀ ହୋଇଛନ୍ତି । ରେଭେନ୍‌ଶା ଗ୍ରାଉଣ୍ଡ-୧ରେ କଟକ-ବି' ୯ ୱିକେଟରେ ରାୟଗଡ଼ାକୁ, ରେଭେନ୍‌ଶା ଗ୍ରାଉଣ୍ଡ-୨'ରେ ସମ୍ବଲପୁର-ବି' ୮୨ ରନ୍‌ରେ ଗଞ୍ଜାମକୁ ପରାସ୍ତ କରିଛି । କଟକ-ବି'ର ପୀୟୂଷ ମନ୍ତ୍ରୀ ୪ଟି ଓ ସମ୍ବଲପୁର-ବି'ର ଅମରନାଥ ଭୋଇ ୯୫, ହ୍ରିତିକ ପଟେଲ ୫୦ ରନ୍ କରିଥିଲାବେଳେ ଅଭିନବ ନନ୍ଦ ୫ ୱିକେଟ ପାଇଥିଲେ ।

ସନ୍‌ସାଇନ୍ ଗ୍ରାଉଣ୍ଡରେ ଅଙ୍କିତ ଜୟସ୍ୱାଲ ୫ଟି ଓ ଆକାଶ ଠାକୁର ୪ଟି ୱିକେଟ ନେବା ଫଳରେ ରାଉରକେଲା ୭ ୱିକେଟରେ ଦେବଗଡ଼କୁ ପରାସ୍ତ କରିଛି । ଖୋର୍ଦ୍ଧାରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ୬୦ ରନରେ ଅନୁଗୁଳକୁ ପରାସ୍ତ କରିଛି । ବିଜୟୀ ଦଳର ରଘୁନାଥ ମଲ୍ଲ ୮୩, ସୌରଭ ଗୌଡ଼ା ୮୨ ରନ୍ କରିଥିଲେ । ସୁମନ ଦାସ ଅପରାଜିତ ୩୮ ରନ୍ କରିବା ସହ ୩ ୱିକେଟ ପାଇଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS